THE AADHAR ODISHA

# ଆଧାର ଓଡ଼ିଶା

RNI Title Code No. ODIODI08073

ଏକ ନିଆରା ସାପ୍ତାହିକୀ





'ଆଧାର ଓଡ଼ିଶା' ପରିବାର ପକ୍ଷରୁ ସମସ୍ତ ଜନସାଧାରଣ ଓ ଶୁଭେଚ୍ଛୁ ମାନଙ୍କୁ ୨୦୨୩ ନୂତନ ବର୍ଷର ଶୁଭେଚ୍ଛା ଜ୍ଞାପନ ସହ ସୁଖସମୃଦ୍ଧି କାମନା କରୁଛୁ ।


♦ବର୍ଷ-୨ ♦ସଂଖ୍ୟା-୮ ♦ବରଗଡ଼ ♦ ୩୦ ଡିସେମ୍ବର-୫ ଜାନୁଆରୀ ୨୦୨୩ ♦୫ ଟଙ୍କା ♦ପୃଷ୍ଠା-୮ | ♦VOL-2 ♦ISSUE- 8♦BARGARH ♦ 30 DEC - 05 JAN 2023 ♦RS.5/- ♦PAGE-8



ବରଫ ଝଡ଼ରେ ଆକ୍ରାମାକ୍ରା ଆମେରିକା



ପୃଷ୍ଠା-୩➔

ବେବୀ ବମ୍ପ୍ ପାଇଁ ଚର୍ଚ୍ଚାରେ



ପୃଷ୍ଠା-୫➔

ଲୋକେ ପିଉଛନ୍ତି ଝରଣା ପାଣ



ପୃଷ୍ଠା-୬➔

ବରଗଡ଼ ଧନୁଯାତ୍ରାର ଅନ୍ୟତମ ଆକର୍ଷଣ 'ଗ୍ରୀନ୍ ରୁମ୍'



ପୃଷ୍ଠା-୮➔


## ଆଗେଇ ଚାଲିଛି ବରଗଡ଼ର ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା

# କଂସଙ୍କୁ ଘାରିଛି କୃଷ୍ଣ ଭୟ, ଗୋପରେ ଉତ୍ସବ



ବରଗଡ଼: ବିଶ୍ୱର ସର୍ବବୃହତ ମୁକ୍ତାକାଶ ରଙ୍ଗମଞ୍ଚ ଭାବରେ ପରିଚିତ ବରଗଡ ଧନୁଯାତ୍ରା ମହୋତ୍ସବ ଉଦଘାଟିତ ହୋଇଯାଇଛି । ଚଳିତ ବର୍ଷ ଧନୁଯାତ୍ରାର ହୀରକ ଜୟନ୍ତୀ ପାଳନ କରାଯାଉଛିଛ ଉଦ୍‌ଘାଟନୀ ସମାରୋହରେ ଧନୁଯାତ୍ରା ମହୋତ୍ସବ ସମିତିର ଅଧ୍ୟକ୍ଷ ତଥା ବରଗଡ଼ ଜିଲ୍ଲାପାଳ ମୋନିଷା ବାନାର୍ଜୀ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ବରଗଡ଼ ସାଂସଦ ସୁରେଶ ପୂଜାରୀ ଏବଂ ବିଧାୟକ ଦେବେଶ ଆଚାର୍ଯ୍ୟ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ । ବାରମ୍ବାର ଗୁଞ୍ଜରିତ ହେଉଥିବା ସେହି ଦେବବାଣୀ ମହାରାଜ କଂସଙ୍କୁ ବିଚଳିତ କରିଦେଉଛି । 'ତତେ ମାରିବ ଯିଏ ଗୋପରେ ବଢ଼ୁଛି ସିଏ.. ।' ଏହା ଶୁଣି ମୁଖରେ କ୍ରୋଧ ଓ ମନରେ ମୃତ୍ୟୁର ଭୟକୁ ନେଇ ବ୍ୟତିବ୍ୟସ୍ତ ହୋଇପଡ଼ିଛନ୍ତି ତ୍ରିପୁର ବିଜୟୀ ମହାରାଜ କଂସ । ସମାଧାନ ପାଇଁ ପାତ୍ରମନ୍ତ୍ରୀଙ୍କ ସହ ମନ୍ତ୍ରଣା କରିଛନ୍ତି । ସାମାନ୍ୟ ବାଳକଟିଏ ତାଙ୍କ ମୃତ୍ୟୁର କାରଣ ହେବ ବୋଲି ମହାରାଜ ତାଚ୍ଛଲ୍ୟ କରିବା ସହ ଅଟ୍ଟହାସ୍ୟ ବି କରୁଛନ୍ତି । ଏଭଳି ଘଟଣାବଳୀକୁ ନେଇ ଆରମ୍ଭ ହୋଇଥିଲା ବରଗଡ଼ ବିଶ୍ୱପ୍ରସିଦ୍ଧ ଧନୁଯାତ୍ରାର ତୃତୀୟ ଦିନର ନାଟ୍ୟାଭିନୟ ।

ମହାରାଜା ଉଗ୍ରସେନଙ୍କ ସିଂହାସନ ଆରୋହଣ ଦୃଶ୍ୟରୁ ଆରମ୍ଭ ହୋଇଥିଲା ଧନୁଯାତ୍ରା ମଞ୍ଚ । ପ୍ରଥମ ଦିନରେ ଦେବକୀ-ବସୁଦେବଙ୍କ ବିବାହ ଏବଂ କାରଗାର ଦୃଶ୍ୟ ଦେଖିବାକୁ ମିଳିଥିଲା । ଦ୍ୱିତୀୟ ଦିନରେ ଜନ୍ମ ନେଇଥିଲେ ଶ୍ରୀକୃଷ୍ଣ । ଏହା ପୂର୍ବରୁ ଦେବକୀଙ୍କ ଗର୍ଭରୁ ଜାତ ହୋଇଥିବା ସନ୍ତାନଙ୍କୁ ଶିଳାରେ କଚାଡ଼ି ହତ୍ୟା କରିଥିଲେ କଂସ । ପ୍ରବଳ ପ୍ରତାପୀ ମହାରାଜା କଂସଙ୍କ ଅତ୍ୟାଚାରରେ ମଥୁରାବାସୀ ଥରହର ହୋଇପଡ଼ିଥିବାବେଳେ କାରାଗାରରେ ଭଗବାନ ଶ୍ରୀକୃଷ୍ଣ ଜନ୍ମ ନେଇଥିଲେ । ଶ୍ରୀକୃଷ୍ଣଙ୍କ ପ୍ରାଣ ରକ୍ଷା କରିବା ଲାଗି କରାଗାରରୁ ଲୁଚାଇ ଧନୁଯାତ୍ରାର ଗୋପପୁର ସାଜିଥିବା ଅମ୍ବାପଲ୍ଲିଠାରେ ନନ୍ଦ ରାଜାଙ୍କ ଘରେ ଶ୍ରୀକୃଷ୍ଣଙ୍କୁ ରଖି ତାଙ୍କ କନ୍ୟାକୁ କାରାଗାରକୁ ନେଇ ଆସିଥିଲେ ବସୁଦେବ । ଧନୁଯାତ୍ରାର ତୃତୀୟ ଦିନରେ ଉତ୍ସବ ମୁଖର ଗୋପପୁର । 'ଆହାରେ ନନ୍ଦ କୋଳେ ଗୋବିନ୍ଦ' ଧ୍ୱନିରେ ପ୍ରକମ୍ପିତ ସାରା ଗୋପ । ଖେଳିଯାଇଛି ଖୁସିର ଲହରି । ନନ୍ଦୋତ୍ସବ ସହ ନୃତ୍ୟଗୀତରେ ବିଭୋର ହୋଇ ପଡ଼ିଛନ୍ତି ଗୋପପୁରବାସୀ । କୃଷ୍ଣଙ୍କ ବାଲ୍ୟଲୀଳାର ଏକ ନିଛକ ପ୍ରତିଫଳନ ଦେଖିବାକୁ ମିଳିଛି ଗୋପରେ । କୃଷ୍ଣ ପ୍ରେମମୟ ଗୋପପୁର ଫୁଲଚନ୍ଦନରେ ମଧୁମୟ ହୋଇଉଠିଛି । ଦିବ୍ୟ ମାନବରୂପୀ ଯଶୋଦାଙ୍କ ଅଳିଅଳ କୃଷ୍ଣ ଝୁଲଣାରେ ଝୁଲି ଝୁଲି ପରଷି ଯାଉଛନ୍ତି ପ୍ରେମର ମଧୁଭରା ରସ । ଗୋପୀଗୋପାଳ ମଜି ଯାଇଛନ୍ତି କୃଷ୍ଣ ପ୍ରେମରେ ।

➔ପୃଷ୍ଠା-୭

# ପୌଷରେ ବି ଲୋଡ଼ା ପଡୁନି ଶୀତବାସ

ଭୁବନେଶ୍ୱର: 'ଶୀତରେ ପୌଷ ମାଘ ମାସ, ଦେହରେ ରଖ ଶୀତ ବାସ' । ପିଲାମାନଙ୍କୁ ପାଯାଉଥିବା ଏହି ଋତୁଚକ୍ରର ଏବେ ଆଉ କୌଣସି ପ୍ରାସଙ୍ଗିକତା ଥିବା ପରି ମନେ ହେଉନାହିଁ । ପୌଷ ମାସ ଶେଷ ହେବାକୁ ବସିଲାଣି ତଥାପି ଘରେ ପଙ୍ଖା ବନ୍ଦ ହୋଇନାହିଁ । ଦିନରେ ତାତି ଅନୁଭୂତ ହେଉଛି । ରାଜ୍ୟରେ ରାତି ତାପମାତ୍ରା ଅସ୍ୱାଭାବିକ ଭାବେ ବୃଦ୍ଧି ପାଉଛି । ଶୀତ ପ୍ରକୋପ କମୁଥିବାବେଳେ ଗ୍ରୀଷ୍ମଋତୁ ପରି ରାତିରେ ଗରମ ଅନୁଭୂତ ହେଉଛି । ସାଧାରଣତଃ ଡିସେମ୍ବର ଶେଷ ସପ୍ତାହରେ ଶୀତ ଲହରୀ ଲାଗି ରହିଥାଏ, କିନ୍ତୁ ଚଳିତ ବର୍ଷ ସାମୁଦ୍ରିକ ଉଷ୍ମ ଜଳୀୟବାଷ୍ପ ପୂର୍ଣ୍ଣ ବାୟୁ ରାଜ୍ୟକୁ ପ୍ରବାହ କରୁଥିବାରୁ କୁହୁଡି ପଡିବା ସହ ସର୍ବନିମ୍ନ ତାପମାତ୍ରା ବଢ଼ୁଛି । ଉପକୂଳ ଓଡ଼ିଶାରେ ସର୍ବନିମ୍ନ ତାପମାତ୍ରା ସ୍ୱାଭାବିକରୁ ୬ରୁ ୮ଡିଗ୍ରୀ ଅଧିକ ରହୁଥିବାବେଳେ ଆଭ୍ୟନ୍ତରୀଣ ଓଡ଼ିଶାରେ ୫ ଡିଗ୍ରୀ ପର୍ଯ୍ୟନ୍ତ ପାରଦ ଅଧିକ ରେକର୍ଡ ହେଉଛି । ଫଳରେ ଶୀତ ରାତି ଆଗରେ ଜଳବାୟୁ ପରିବର୍ତ୍ତନ ବାଡ଼ ଭାବେ ଠିଆ ହୋଇଛି । ଭାରତୀୟ ପାଣିପାଗ ବିଭାଗ ଡିସେମ୍ବର ଓ ଜାନୁଆରୀ ମାସକୁ ଶୀତ ଋତୁ ଭାବେ ଗ୍ରହଣ କରୁଛି । କିନ୍ତୁ ଡିସେମ୍ବର ମାସ ଶେଷ ହେବାକୁ ବସିଥିଲେ ମଧ୍ୟ ରାଜ୍ୟରେ ଶୀତ ନ ପଡ଼ିବା ପରିବେଶବିତ ଓ ବୈଜ୍ଞାନିକମାନଙ୍କୁ ଚକିତ କରିଛି । ସାଧାରଣତଃ ଶୀତ ଋତୁରେ ହିମାଳୟର ଉପର ଏବଂ ତଳ ଭାଗରେ ତୁଷାରପାତ ହେତୁ ହିମାଳୟ ପର୍ବତମାଳା ଶ୍ୱେତବର୍ଣ୍ଣ ଧାରଣ କରିଥାଏ । ଏହି ଅଞ୍ଚଳରୁ ଦେଶର ଅନ୍ୟ ଅଞ୍ଚଳକୁ ପ୍ରବାହିତ ହେଉଥିବା ଉତ୍ତରା ପବନ ସାରା ଦେଶର ଶୀତ ଅନୁଭୂତ କରାଏ । ହେଲେ ପର୍ବତ ମାଳାରେ ତୁଷାରପାତ କମିଗଲେ ଏହା ଶ୍ୱେତ ପରିବର୍ତ୍ତେ ଧୂଷର ରଙ୍ଗ ହୋଇଯାଏ ଓ ଏଠାରୁ ଆସୁଥିବା ପବନ ବିଶେଷ ଶୀତ କରାଇପାରି ନ ଥାଏ । ଡିସେମ୍ବରର ମାସ ୨୭ ତାରିଖ ସୁଦ୍ଧା ରାଜ୍ୟରେ ମାତ୍ର ୭ ଟି ଥଣ୍ଡା ରାତି ଅନୁଭୂତ ହୋଇଥିବା ବେଳେ ୧୫ ଟି ଉଷ୍ମ ରାତି ଅନୁଭୂତ ହୋଇଛି । ଅନ୍ୟପଟେ ବିଷୁବ-ରେଖା ନିକଟସ୍ଥ ପ୍ରଶାନ୍ତ ମହାସାଗରରେ ଜଳବାୟୁ ପ୍ରକ୍ରିୟା ଲା-ନିନା ସକ୍ରିୟ ରହିଲେ ପ୍ରବଳ ଶୀତ ହେଉଥିବା ବେଳେ ଚଳିତ ବର୍ଷ ଏହି ସ୍ଥିତି ଥିବା ସତ୍ତ୍ୱେ ଶୀତ ନ ହେବା ବୈଜ୍ଞାନିକମାନଙ୍କୁ ଦ୍ୱନ୍ଦ୍ୱରେ ପକାଇଛି ।

ପାଣିପାଗ କେନ୍ଦ୍ରର ବୈଜ୍ଞାନିକ ଉମାଶଙ୍କର ଦାସ କହିଛନ୍ତି ଯେ ନଭେମ୍ବର ଏବଂ ଡିସେମ୍ବରରେ କେନ୍ଦ୍ରୀୟ ଭାରତର ଗୁରୁଚାପ ବଳୟ ଉତ୍ତରା ବାୟୁକୁ ଓଡ଼ିଶା ପ୍ରବେଶ କରେଇବା ସହ ଶୀତର ପ୍ରଭାବ ବୃଦ୍ଧି କରାଇଥାଏ । ଚଳିତ ବର୍ଷ ନଭେମ୍ବର ମାସରୁ ୨-୩ ଟି ଗୁରୁଚାପ ବଳୟ ଉତ୍ତରା/ ଉତ୍ତର-ପଶ୍ଚିମା ବାୟୁକୁ ସକ୍ରିୟ

➔ପୃଷ୍ଠା-୭

## ସମ୍ପାଦକୀୟ

ବାରି ପଟେ କଣ୍ଟା

# ମହାନ ଫୁଟବଲର ପେଲେଙ୍କ ଦେହାନ୍ତ



ସାଓ ପାଓଲ : ପରଲୋକରେ ଫୁଟବଲ୍ ଇତିହାସର ସର୍ବଶ୍ରେଷ୍ଠ ଖେଳାଳି ତଥା ବ୍ରାଜିଲ୍‌ର ସୁପରଷ୍ଟାର ପେଲେ । ଗୁରୁବାର ରାତିରେ ତାଙ୍କର ପରଲୋକ ହୋଇଯାଇଛି । କର୍କଟ ରୋଗରେ ଆକ୍ରାନ୍ତ ହୋଇ ୮୨ ବର୍ଷ ବୟସରେ ସେ ଶେଷନିଶ୍ୱାସ ତ୍ୟାଗ କରିଛନ୍ତି । ପେଲେ ନାମରେ ପରିଚିତ ଏଡସନ୍ ଅରାଣ୍ଟେସ୍ ଡୁ ନାସ୍କିମେଣ୍ଟୋ ଗତ ନଭେମ୍ବର ୨୯ ତାରିଖରେ ସାଓ ପାଓଲସ୍ଥିତ ଏକ ହସ୍ପିଟାଲ୍‌ରେ ଭର୍ତ୍ତି ହୋଇଥିଲେ । ସେହିଦିନଠାରୁ ସେ ମୃତ୍ୟୁ ସହ ସଂଗ୍ରାମ କରୁଥିଲେ । ଗୁରୁବାର ଦିନ ତାଙ୍କ ଶରୀର ଆଉ କେମୋଥେରାପି ଗ୍ରହଣ ନକରିବାରୁ ତାଙ୍କ ମୃତ୍ୟୁ

➔ପୃଷ୍ଠା-୭

# ପ୍ରଧାନମନ୍ତ୍ରୀଙ୍କ ମା'ହୀରା ବେନ୍‌ଙ୍କ ପରଲୋକରେ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମା' ହୀରା ବେନ୍‌ଙ୍କ ପରଲୋକ ହୋଇଛି । ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ରାତି ପ୍ରାୟ ୩.୩୦ରେ



ଅହମଦାବାଦର ୟୁଏନ୍ ମେହଟା ହସ୍ପିଟାଲରେ ତାଙ୍କର ଦେହାନ୍ତ ହୋଇଯାଇଛି । ମୃତ୍ୟୁବେଳକୁ ତାଙ୍କୁ ୧୦୦ ବର୍ଷ ବୟସ ହୋଇଥିଲା । ମା'ଙ୍କ ମୃତ୍ୟୁ ନେଇ ପ୍ରଧାନମନ୍ତ୍ରୀ ନିଜେ ଟ୍ୱିଟ୍ କରି ସୂଚନା ଦେଇଛନ୍ତି ।

➔ପୃଷ୍ଠା-୭

THE AADHAR ODISHA

# ଆଧାର ଓଡ଼ିଶା

୩୦ ଡିସେମ୍ବର – ୦୫ ଜାନୁଆରୀ ୨୦୨୩



## ବାରି ପଟେ କଣ୍ଟା

ଭୂଗୋଳ ବଦଳିବାର ନୁହେଁ। ତୁମେ ତୁମ ପଡୋଶୀ ବଦଳାଇ ପାରିବ ନାହିଁ ଯଦି ତୁମେ ବା ତୁମ ପଡୋଶୀ ଭଡା ଘରେ ନାହାନ୍ତି। ପଡୋଶୀ ଯଦି ତୁମ ପ୍ରତି ସଦ୍‌ଭାବାପନ୍ନ, ତାହା ହେଲେ ତୁମେ କେବଳ ଶାନ୍ତିରେ ରହିବ ନାହିଁ, ତୁମର ସୁବିଧା ଅସୁବିଧାରେ ବି ସାହାଯ୍ୟର ହାତ ମିଳିପାରିବ। ବ୍ୟକ୍ତି କ୍ଷେତ୍ରରେ ଯେମିତି, ଦେଶ କ୍ଷେତ୍ରରେ ସେମିତି। ଭାରତର ପଡୋଶୀ ହେଲେ ବାଂଲାଦେଶ, ଶ୍ରୀଲଙ୍କା, ନେପାଳ, ଭୁଟାନ, ମ୍ୟାନମାର, ଚାଇନା ଓ ପାକିସ୍ତାନ। ଚାଇନା ଓ ପାକିସ୍ତାନ ତ ଯୁଗ ଯୁଗ ଧରି ଭାରତ ପ୍ରତି ଶତ୍ରୁତା ଆଚରଣ କରି ଆସୁଛନ୍ତି, ତାହା ଦେଖାଯାଉଥିବା ଭବିଷ୍ୟତ ଭିତରେ ପରିବର୍ତ୍ତନ ହେବାର ସାମାନ୍ୟତମ ସମ୍ଭାବନା ହିଁ ନାହିଁ। ବାକି ଯେଉଁ ଦେଶ ରହିଛନ୍ତି ସେ ମଧ୍ୟରେ ଭୁଟାନକୁ ବାଦ୍ ଦେଲେ ଅନ୍ୟ ପଡୋଶୀଙ୍କ ସହ ସମ୍ପର୍କ କମ୍ ମଧୁର ଓ ଅଧିକ ତିକ୍ତ। ଆଜିର ପୃଷ୍ଠଭୂମିରେ ଚିନ୍ତା କଲେ ବାଂଲାଦେଶ ସହ ସମ୍ପର୍କ ଅନ୍ୟ ପଡୋଶୀଙ୍କ ତୁଳନାରେ ଅପେକ୍ଷାକୃତ କମ୍ ତିକ୍ତ। ତାହା ପୁଣି ଶେଖ୍ ହସିନାଙ୍କ ସରକାର କ୍ଷମତାରେ ଥିବା ହେତୁ। ଶେଖ୍ ହସିନା ଭାରତ ପ୍ରତି ବ୍ୟକ୍ତିଗତ ଭାବେ କୃତଜ୍ଞ। ତାଙ୍କ ବାପା ଶେଖ୍ ମୁଜିବର ରେହମାନ୍ ଭାରତର ପ୍ରତ୍ୟକ୍ଷ ସହାୟତା–ସାମରିକ, କୁଟନୈତିକ, ରାଜନୈତିକ ଓ ଆର୍ଥିକ ଯୋଗୁଁ ପୂର୍ବ ପାକିସ୍ତାନକୁ ନୂଆ ଏକ ଦେଶ ବାଂଲାଦେଶରେ ରୂପାନ୍ତରିତ କରିପାରିଥିଲେ। ମୁଜିବରଙ୍କୁ ହତ୍ୟା କରାଯିବା ସମୟରେ ଭାରତରେ ପାଠ ପଢୁଥିବା ହସିନା ଏ ଦେଶର ସହାୟତା କାରଣରୁ ହିଁ ବ୍ୟକ୍ତିଗତ ଜୀବନରେ ତିଷ୍ଠି ପାରିଥିଲେ। ତେଣୁ  ତାଙ୍କ ସରକାର ଯଦି ଭାରତ ପ୍ରତି ବନ୍ଧୁତା ଆଚରଣ ପ୍ରର୍ଦଶନ କରୁଛନ୍ତି, ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। କିନ୍ତୁ ଅନ୍ୟ ବିରୋଧୀ ଦଳ କ୍ଷମତାକୁ ଭବିଷ୍ୟତରେ ଆସିଲେ ଚିତ୍ର ପରିବର୍ତ୍ତନ ହୋଇ ଯିବା ନିଶ୍ଚିତ। ଶ୍ରୀଲଙ୍କାର ଭାରତ ପ୍ରତି ଆଭିମୁଖ୍ୟରେ ଘଡିକେ ଘୋଡା ଛୁଟୁଛି। ମ୍ୟାନମାରର ସାମରିକ ଜୁଣ୍ଟା ସରକାର ପୂର୍ବରୁ ହିଁ ଚାଇନାପ୍ରେମୀ।

ବସ୍ତୁନିଷ୍ଠ ଓ ବାସ୍ତବିକତା ଆଧାରିତ କୂଟନୀତିର ମୂଳ ମନ୍ତ୍ର ହେଲା କୌଣସି ଦେଶର କେହି ସ୍ଥାୟୀ ବନ୍ଧୁ ବା ଶତ୍ରୁ ନ ଥାନ୍ତି। ସ୍ଥାୟୀ ହେଲା ଦେଶହିତ। ଏହି ହିତରେ ଯିଏ କଣ୍ଟା ବା ବାଧା ସିଏ ଶତ୍ରୁ, ଯିଏ ହିତ ସାଧନରେ ସାହାଯ୍ୟ କରେ ସିଏ ହେଉଛି ବନ୍ଧୁ। ଏଥିରେ ଧର୍ମ ପରି ଏକ ଅତି ଶକ୍ତିଶାଳୀ ବନ୍ଧନ ବି କିଛି କାମକୁ ନୁହେଁ। ଉଦାହରଣ ଭାବେ ଶ୍ରୀଲଙ୍କା, ନେପାଳ ଓ ମ୍ୟାନମାରକୁ ନିଆଯାଇପାରେ। ଶ୍ରୀଲଙ୍କା ଓ ମ୍ୟାନମାରର ଅଧିକାଂଶ ବାସିନ୍ଦା ହେଉଛନ୍ତି ବୌଦ୍ଧଧର୍ମାବଲମ୍ବୀ। ବୌଦ୍ଧ ଧର୍ମର ପ୍ରବର୍ତ୍ତକ ମହାପୁରୁଷ ବୁଦ୍ଧ ଦେବ ଆଜିର ଭୌଗଳିକ ସଂଜ୍ଞା ମୁତାବକ ନେପାଳରେ ଜନ୍ମ ହୋଇଥିଲେ ମଧ୍ୟ ଭାରତବର୍ଷ ତାଙ୍କର କର୍ମଭୂମି ଥିଲା। ଭାରତରୁ ବୌଦ୍ଧଧର୍ମ ଶ୍ରୀଲଙ୍କା ଓ ମ୍ୟାନମାରକୁ ପ୍ରସାରିତ ହୋଇଥିଲା। ମହାପୁରୁଷ ବୁଦ୍ଧଦେବ ଯଦିଓ ହିନ୍ଦୁଧର୍ମର ବ୍ରାହ୍ମଣ ପ୍ରାୟୋଜିତ ରୁଢିବାଦୀ କର୍ମକାଣ୍ଡ, ଯଜ୍ଞ,ବଳିପ୍ରଥା ଓ ପ୍ରତିମା ପୂଜା ଭଳି ରୀତିନୀତିର ତୀବ୍ର ବିରୋଧୀ ଥିଲେ ତଥାପି ବୁଦ୍ଧଙ୍କୁ ହିନ୍ଦୁ ଧର୍ମରେ ନବମ ଅବତାରର ମାନ୍ୟତା ଦିଆଯାଇଛି । କିନ୍ତୁ ଭାରତ ପ୍ରତି ଶ୍ରୀଲଙ୍କା ଓ ମ୍ୟାନମାରର ଆଭିମୁଖ୍ୟରେ ଧର୍ମର କୌଣସି ଭୂମିକା ରହୁନାହିଁ। ଅପରପଟେ ବାଂଲାଦେଶ ଏକ ମୁସଲିମ୍ ବହୁଳ ଦେଶ ହୋଇଥିଲେ ମଧ୍ୟ ଆପାତତଃ ଭାରତ ପ୍ରତି ବନ୍ଧୁତା ଆଚରଣ କରୁଛି। ସେହିପରି ନେପାଳ ଭାରତ ଭଳି ଏକ ହିନ୍ଦୁ ବହୁଳ ରାଷ୍ଟ୍ର। ଏବେ ସିନା ନେପାଳ ଧର୍ମ ନିରପେକ୍ଷ ଦେଶ ବୋଲି ନିଜକୁ ଘୋଷଣା କରିଛି, ତେବେ ଦେଢ ଦଶନ୍ଧି ପୂର୍ବେ ଏହି ଦେଶ ଏକ ହିନ୍ଦୁଧର୍ମାବଲମ୍ବୀ ଦେଶ ଥିଲା। ସେହି ଦେଶର ଜାତୀୟ ଧର୍ମ ଥିଲା ହିନ୍ଦୁଇଜମ୍। ନେପାଳ ରାଜାଙ୍କୁ ହିନ୍ଦୁଧର୍ମର ଚତୁର୍ଥ ଧାମ ପୁରୀରେ ଅବସ୍ଥିତ ମହାପ୍ରଭୁ ଜଗନ୍ନାଥଙ୍କ ରତ୍ନସିଂହାସନ ନିକଟରେ ବ୍ୟକ୍ତିଗତ ଭାବେ ଉପାସନା କରିବାର ଅଧିକାର ରହିଛି ଯେପରି କି ଗଜପତି ମହାରାଜଙ୍କର। ହିନ୍ଦୁ ଧର୍ମର ଅବତାର ପୁରୁଷ ପୁରୁଷୋତ୍ତମ ରାମଚନ୍ଦ୍ରଙ୍କ ଶ୍ୱଶୁର ଘର ନେପାଳରେ ବୋଲି କୁହାଯାଏ। ଦୁଇ ଦେଶର ନାଗରିକଙ୍କ ମଧ୍ୟରେ ପାରିବାରିକ ସମ୍ପର୍କ ରହିଛି। ଭାରତୀୟ ସୁରକ୍ଷା ବାହିନୀରେ ନେପାଳୀ ବଂଶୋଦ୍ଭବଙ୍କୁ ସାମିଲ କରିବା ନେଇ କୌଣସି କଟକଣା ନାହିଁ, ବରଂ ଶାରୀରିକ ମାପକାଠି, ବିଶେଷ କରି ଉଚ୍ଚତା ହିସାବ ବେଳେ ରିହାତି ମିଳେ। ଏତେ ସବୁ କଥା ସତ୍ତ୍ୱେ, ସେଠାକାର ପ୍ରମୁଖ ରାଜନୈତିକ ଦଳଗୁଡିକ ସେମାନଙ୍କ ଚିନ୍ତାଧାରାରେ ଭାରତ ବିରୋଧୀ। ନେପାଳ କଂଗ୍ରେସ ଯଦିଓ ଏକ ବ୍ୟତିକ୍ରମ, ସେହି ଦଳରେ ବି  କିଛି ନେତା ଅଛନ୍ତି, ଯେଉଁମାନେ ମଝି ମଝିରେ ଭାରତ ପତି ଅସୂୟା ମନୋଭାବ ପ୍ରଦର୍ଶନ କରିବାର ନଜରକୁ ଆସୁଛି।

ଏଠାରେ ଏତେ ସବୁ କଥା ଲେଖିବାର ପ୍ରୟୋଜନ ଉପୁଜିଲା ନେପାଳରେ ନୂଆ କରି ସୃଷ୍ଟି ହୋଇଥିବା ରାଜନୈତିକ ସମୀକରଣକୁ ନେଇ। ଗତ ନଭେମ୍ବର ମାସରେ ସେଠାରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ କୌଣସି ଦଳକୁ ବହୁମତ ମିଳି ନ ଥିଲା।  ନିର୍ବାଚନ ପୂର୍ବରୁ ଶାସନରେ ଥିବା ନେପାଳୀ କଂଗ୍ରେସ ଯଦିଓ ବିଜୟୀ ଆସନ ସଂଖ୍ୟା ଦୃଷ୍ଟିରୁ ସର୍ବ ବୃହତ୍ ଦଳ ଭାବେ ଆତ୍ମ ପ୍ରକାଶ କରିଥିଲା, ତେବେ ରାଜନୈତିକ ଗଣିତର ଖେଳରେ ଏହା ପଛରେ ପଡିଯାଇଛି। ଦୁଇ କମ୍ୟୁନିଷ୍ଟ ଗୋଷ୍ଠୀର ମୁଖ୍ୟ କେପି ଶର୍ମା ଓଲି ଓ ପୁଷ୍ପକୁମାର ଡାହାଲ ଓରଫ ପ୍ରଚଣ୍ଡ ସେମାନଙ୍କ ବିଗତ ଦିନର ସାପ–ନେଉଳ ସମ୍ପର୍କ ସତ୍ତ୍ୱେ ପରସ୍ପର ସହ ବନ୍ଧୁବାନ୍ଧି ପୁନର୍ବାର ପ୍ରଧାନମନ୍ତ୍ରୀ ହେବାକୁ ଆଶାବାନ୍ଧିଥିବା ନେପାଳୀ କଂଗ୍ରେସ ନେତା ଶେର ବାହାଦୂର ଦେଓବାଙ୍କ କୁର୍ଚିକୁ ପଛକୁ ଟାଣି ଦେଇଛନ୍ତି। ପ୍ରଚଣ୍ଡ ଡାହାଲ ପ୍ରଧାନମନ୍ତ୍ରୀ ହେବା ପ୍ରାୟ ଥୟ। ନେପାଳ ପ୍ରଧାନମନ୍ତ୍ରୀ ପଦବୀରେ କାହାକୁ ବସାଇଲେ ଠିକ୍ ହେବ ତାହାକୁ ନେଇ ଭାରତ, ଚାଇନା, ୟୁରୋପୀୟ ସମୁଦାୟ ଓ ଆମେରିକା ଯେ ଯାହାର କୂଟନୈତିକ ଖେଳ ଖେଳୁଥିଲେ। ଭାରତ ସମ୍ପୂର୍ଣ୍ଣ ଭାବେ ଦେଓବାଙ୍କ ଉପରେ ନିଜର ସବୁ ବାଜି ଲଗାଇ ଦେଇଥିଲା। ଦୁଇଟି ପ୍ରମୁଖ କାରଣ ଏହା ପଛରେ ଥିଲା। ଓଲି ହେଉଛନ୍ତି ପ୍ରଥମତଃ କମ୍ୟୁନିଷ୍ଟ, ଦ୍ୱିତୀୟରେ ତୀବ୍ର ଚାଇନା ସମର୍ଥକ ଓ ଉଗ୍ର ଭାରତବିରୋଧୀ। ଦେଓବାଙ୍କ ପୂର୍ବରୁ ଦୁଇ ବର୍ଷ ତଳେ ଓଲି ଯେତେବେଳେ ପ୍ରଧାନମନ୍ତ୍ରୀ ଥିଲେ, ସେତେବେଳେ ନେପାଳ–ଭାରତ ସମ୍ପର୍କ ସବୁଠାରୁ କଦର୍ଯ୍ୟ ସ୍ଥିତିକୁ ଖସି ଆସିଥିଲା। ଏହା ବ୍ୟତୀତ ଓଲି ଓ ଡାହାଲ ସେମାନଙ୍କ ଅହି–ନକୂଳ ସମ୍ପର୍କରେ ପରିବର୍ତ୍ତନ ଆଣି ଯେ ଗୋଟିଏ ଖଟରେ ଶୋଇବେ ଏ କଥା ଭାରତର ବିଦେଶନୀତି ନିର୍ଦ୍ଧାରକମାନେ ଅନୁମାନ ଲଗାଇ ପାରି ନ ଥିଲେ। ଅସମ୍ଭବକୁ ସମ୍ଭବ କରିବାର କଳା ହେଉଛି ରାଜନୀତି ଓ କୂଟନୀତି। ଉଭୟ ଡାହାଲ ଓ ଓଲିଙ୍କୁ ଗୋଟେ ଗାମୁଛା କରିବାକୁ ଚାଇନା ବହୁ ବର୍ଷ ଧରି ଉଦ୍ୟମ କରି ଆସୁଥିଲା ଯାହା କି ଏବେ ସଫଳ ହୋଇଛି। ଅର୍ଥାତ୍‌ର ଭାରତର ବାରି ପଟେ ଶକ୍ତ କଣ୍ଟା ପୋତି ଦେଇଛି ଚାଇନା।

**ସମ୍ପାଦକଙ୍କୁ ପତ୍ର ଓ ସମ୍ପାଦକୀୟ ପୃଷ୍ଠା**
**ଲାଗି ଲେଖା ପଠାଇବା  ଠିକଣା**
ଇମେଲ୍– aadharodisha8@gmail.com
**ଯୋଗାଯୋଗ–**ପ୍ଲଟ୍ ନମ୍ବର–ପି–୪୨, ଲେନ୍–୧, ଫେଜ୍–୧,
ଶ୍ରୀକ୍ଷେତ୍ର ବିହାର, ଆଇଗିଣିଆ, ଭୁବନେଶ୍ୱର, ଜିଲ୍ଲା–ଖୋର୍ଦ୍ଧା

## ଆମେ ସବୁ ଭୁଲିଯାଉଛୁ

**ସୁରେନ୍ଦ୍ର ପଲାଇ**

ମଣିଷ ଜୀବଜଗତର ଶ୍ରେଷ୍ଠ ପ୍ରାଣୀ । କଥା କହିବା, ହସିବା ଏବଂ ସ୍ମରଣଶକ୍ତି ହିଁ କେବଳ ମଣିଷର ରହିଛି! ସେଇଥିପାଇଁ ସେ ଜୀବଶ୍ରେଷ୍ଠର ମାନ୍ୟତା ପାଇଛି । ଅଣନିଃଶ୍ୱାସୀ ହୋଇ ଅନର୍ଗଳ କହୁଥିଲେ ବି ଅନେକ କଥାକୁ ସେ ଭୁଲିଯାଉଛି । ଯେଉଁ ଶକ୍ତିବଳରେ ମଣିଷ ଶ୍ରେଷ୍ଠତାର ଶିରପା ପିନ୍ଧିଛି, ତା' ଅଜାଣତରେ ତାକୁ କେହି ଅପହରଣ କରିନେଇଗଲାଣି । ମନେ ରଖିବା ବଦଳରେ ଭୁଲାପଣଟା ମଣିଷକୁ ମାଡିବସିଥିବା ପରି ଲାଗୁଛି ।

ଭୁଲାପଣ ଯୋଗୁଁ ଶିକ୍ଷିତ ଓ ଅଶିକ୍ଷିତ ମଣିଷ ଅନେକ ନ କରିବା କାର୍ଯ୍ୟ କରିଦେଉଛନ୍ତି । ଆଉ ନିହାତି ଜରୁରୀ କାର୍ଯ୍ୟକୁ ପାସୋରି ପକାଉଛନ୍ତି । କିଏ ବସ୍‌ରେ, କିଏ ରେଳରେ ଓ କିଏ ଉଡ଼ାଜାହାଜରେ ଯାତ୍ରା ପାଇଁ ଆଗୁଆ ଟିକଟ କାଟୁଛି । ଟଙ୍କା ଖର୍ଚ୍ଚ କରି ବି ଯାତ୍ରା କରିପାରୁନି । ଜରୁରୀ କାମଟା ଅଧାରେ ରହିଯାଉଛି । ଭୁଲାପଣ ପାଇଁ ସେ ମୁଣ୍ଡ କୋଡେ, ଭାଗ୍ୟକୁ ନିନ୍ଦେ । ଅଲକ୍ଷ୍ୟରେ ସେ ନିଜର ଭୁଲାପଣକୁ ଭୁଲିଯାଏ ।କେବଳ ରେଳ କି ଜାହାଜରେ ଯାତ୍ରା ନୁହେଁ, ଅନେକ ଲୋକ ଭୁଲାପଣ ଯୋଗୁଁ ବଜାରକୁ ଯାଇ ଖାଲି ହାତରେ ଫେରନ୍ତି । ବ୍ୟାଗ ଖାଲି ପଡେ, ମନଟାକୁ ଭୁଲାପଣ ମାଡିବସେ । ଏଥିପାଇଁ ପତ୍ନୀଠାରୁ, ପୁଅଠାରୁ, ପରିବାର ଲୋକଙ୍କଠାରୁ ସେ ଗାଳି ଶୁଣେ । କପାଳରେ ହାତ ମାରେ, ନିଜର ଭୁଲାପଣକୁ ଧିକ୍କାର କରେ । ଜଣକର ଭୁଲାପଣ ଯୋଗୁଁ ସେ ବ୍ୟକ୍ତିଗତସ୍ତରରେ କ୍ଷତି ସହେ କିମ୍ବା ତାଙ୍କ ପରିବାରର କ୍ଷତି ଘଟେ । ଗୋଟିଏ ଜାତି, ଗୋଟିଏ ସମ୍ପ୍ରଦାୟ ଭୁଲାପଣର ଶିକାର ହେଲେ, ସେ ଜାତି ଆଗକୁ ବଢିପାରେନି କି ବିକାଶର ରାସ୍ତା ତାହା ପାଇଁ ସହଜ ହୁଏନି ।

ଏ କଳିଙ୍ଗ ଜାତି । ଏ ଜାତିର ଇତିହାସ ବେଶ ସମୃଦ୍ଧ । ଏହି ମାଟିରେ ଦିନେ ଚଣ୍ଡାଶୋକ ଧର୍ମାଶୋକରେ ପରିଣତ ହୋଇଥିଲେ । ଏ ଜାତିର ବୀରତ୍ୱ ଦିନେ ସାରା ବିଶ୍ୱକୁ ନୂଆ ସୂର୍ଯ୍ୟୋଦୟ ଦେଖାଇଥିଲା । ଏ ଜାତି ଅନେକ ବୀରପୁରୁଷଙ୍କୁ ଜନ୍ମ ଦେଇଛି । ଏଇ ମାଟିରେ ଉତ୍କଳ ଗୌରବ ମଧୁସୂଦନ ଦାସ, ଦୀନ ଦରିଦ୍ରର ସାଥୀ ଉତ୍କଳମଣି ଗୋପବନ୍ଧୁ ଦାସ ଜନ୍ମ ନେଇଥିଲେ । ନିଜ ଜାତିର ସ୍ୱାଭିମାନ ପାଇଁ ସେମାନେ ଅନେକ ଲୋଭନୀୟ ପୁରସ୍କାର, ସମ୍ମାନ ଓ ପଦପଦବୀକୁ ଗୋଡରେ ଆଡେଇ ଦେଇଥିଲେ । ନିଜେ ସ୍ୱାଭିମାନରେ ବଞ୍ଚିଥିଲେ ଓ ଅନ୍ୟମାନଙ୍କୁ ସ୍ୱାଭିମାନୀ ହେବାକୁ କହୁଥିଲେ । ମଧୁବାବୁ ଓ ଗୋପବନ୍ଧୁଙ୍କ ସ୍ୱାଭିମାନୀ ଓଡ଼ିଆ ଜାତି ଏବେ ନିଜର ହୃତଗୌରବକୁ ଭୁଲି ଯାଇଛି । ସ୍ୱାଭିମାନୀ ନ ହୋଇ ଆମେ ବେଇମାନ ହେବାକୁ ଅଧିକ ପସନ୍ଦ କରୁଛୁ । ନିଜର ଦରିଦ୍ରତା ଦେଖାଇବାକୁ ଆମେ ବେଶ ଆଗ୍ରହ ପ୍ରକାଶ କରୁଛୁ, ସହଜ ମନେକରୁଛୁ । ପର ପାଖରେ ହାତ ପତାଇ ଗର୍ବ କରୁଛୁ, ମାଗି ଖାଇବାର ଆତ୍ମତୃପ୍ତିରେ ଛାତି କୁଣ୍ଢେମୋଟ କରୁଛୁ । ନ କରିବା କାର୍ଯ୍ୟ କରୁଛୁ, ଆଉ କରିବା କାର୍ଯ୍ୟକୁ ଭୁଲିଯାଉଛୁ । ଡାହାଣ ହାତ କରୁଥିବା କାମ ବାମ ହାତ ଜାଣିପାରୁନି । ଏଠି ଦିନରେ ବିଜୁଳିବତି ଜଳୁଛି, ରାତିରେ ଅନ୍ଧାର ରାଜୁତି କରୁଛି । ପ୍ରତିବାଦ ନ କରି ସହିନେବାକୁ ପସନ୍ଦ କରୁଛୁ । ଆମେ ଗାନ୍ଧିଜୀଙ୍କ ନୀତି ଆଦର୍ଶକୁ ବିଶ୍ୱାସ କରୁଛୁ କିନ୍ତୁ ଅନ୍ୟାୟ, ଅନୀତି ଓ ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ସାହସ ଜୁଟେଇ ପାରୁନୁ ।

ଆମ ଦୁର୍ବଳତାର, ଆମ ଅସହାୟତାର ଫାଇଦା ଉଠାଇ ଚାଲିଛନ୍ତି କିଛି ସ୍ୱାର୍ଥବାଦୀ, ସ୍ୱାର୍ଥାନ୍ୱେଷୀ ମଣିଷ । ସେମାନଙ୍କର ଆବଶ୍ୟକତା ପଡିଲେ, କ୍ଷମତା ଶିଡ଼ି ଚଢିବାର ନିଶା ମୁଣ୍ଡକୁ ଚଢିଲେ, ଆମ ନିକଟକୁ ଆସନ୍ତି । ଆମକୁ ଗୋଟାଯାକର ନିଜର କରିନିଅନ୍ତି । ମିଛିମିଛିକା ସ୍ନେହ, ମମତା ଆମ ଉପରେ ଅଜାଡ଼ି ଦିଅନ୍ତି । ଆକାଶରୁ ଚାନ୍ଦ, ସମୁଦ୍ରରୁ ଅମୃତ, ପାତାଳରୁ ହୀରା ଆଣି ଦେବାର ମିଠା ମିଠା ପ୍ରତିଶ୍ରୁତି ଦିଅନ୍ତି । ପୁଳାପୁଳା ପ୍ରତିଶ୍ରୁତିରେ ଆମେ ପୋତି ହୋଇପଡୁ । ପୋତି ହୋଇପଡେ ଆମର ସନ୍ଦେହ, ଅବିଶ୍ୱାସ ଓ ଆତ୍ମବିଶ୍ୱାସ । ମରିଯାଏ ଆମର ମଣିଷପଣିଆ । କବର ନେଇଯାଏ ଆମର ସ୍ୱାଭିମାନ, ଅଭିମାନ । ଭଲ–ମନ୍ଦ, ହାନି–ଲାଭର ବିଚାର ଆମେ ଭୁଲିଯାଉ । ଭୁଲାପଣଟା ଆମକୁ ସମ୍ପୂର୍ଣ୍ଣ କବଳିତ କରିନିଏ । ଆମର ଭୁଲାପଣ ପାଇଁ ସେମାନେ ବିଜୟ ଧ୍ୱଜା ଉଡାନ୍ତି । କ୍ଷମତା ରଜ୍ଜୁକୁ ବାରମ୍ବାର ଜାବୁଡି ଧରନ୍ତି, ଲୋଭରେ ମତୁଆଲା ହୁଅନ୍ତି ।

୭୫ବର୍ଷର ସ୍ୱାଧୀନତା ଭିତରେ ଅନେକ ର୍ନିବାଚନ ଆସି ଚାଲିଗଲାଣି । ଅନେକ ପ୍ରତିଶ୍ରୁତି ପବନରେ ମିଳେଇଗଲାଣି । ପୁଳାପୁଳା ପ୍ରତିଶ୍ରୁତି ସବୁ ପ୍ରତାରଣାର ରୂପ ନେଉଛି ସିନା ବାସ୍ତବତାକୁ ସ୍ପର୍ଶ କରିପାରୁନି । କବିର ସ୍ୱପ୍ନ ରାଇଜର କବିତା ପରି ନେତାଙ୍କ ପ୍ରତିଶ୍ରୁତିର ଅନେକ ସ୍ୱପ୍ନକୁ ନେଇ ଆମେ କେବଳ ଆଗକୁ ବଢିଚାଲିଛେ । ଏଥିପାଇଁ ସେମାନେ ଯେତିକି ଦାୟୀ ନୁହନ୍ତି, ଆମେ ସଚେତନ ମଣିଷମାନେ ତା'ଠାରୁ ଅଧିକ ଦାୟୀ । ଦାୟୀ ଆମ ଭୁଲାପଣ, ଆମ ସହନଶୀଳତା । ଆମେ ଯଦି ଭୁଲି ନଯାଇ, ସ୍ୱାଭିମାନୀ ହୁଅନ୍ତେ, ବାସ୍ତବତାକୁ ଚିନ୍ତାକରନ୍ତେ, ଲାଭ–କ୍ଷତିର ହିସାବ କରନ୍ତେ, ମିଳିଥିବା ପ୍ରତିଶ୍ରୁତିର ମୂଲ୍ୟାୟନ କରନ୍ତେ, ପ୍ରଶ୍ନ ପଚାରିବାର ସାହସ, ଶକ୍ତି ଜୁଟାଇ ପାରନ୍ତେ ତାହାହେଲେ ତରାଜୁ ଓଜନରେ ସାଧାରଣ ଜନତା ହିଁ ଭାରିପଡନ୍ତେ । ଭାରି ପଡନ୍ତା ମିଥ୍ୟା ପ୍ରତିଶ୍ରୁତି ଓ ଛଳନାପୂର୍ଣ୍ଣ ପ୍ରବଞ୍ଚନା । ସେମାନଙ୍କ କ୍ଷମତା ଚୌକି ତାସ୍ଘର ପରି ନିମିଷକେ ଭୁଶୁଡି ପଡନ୍ତା । ଅଗ୍ନି ଉଦ୍‌ଗିରଣର ତତଲା ଲାଭାରେ ସେମାନେ ନିଶ୍ଚିହ୍ନ ହୋଇଯାଆନ୍ତେ ।

ପ୍ରଶ୍ନ କରିବାକୁ ଆମେ କିନ୍ତୁ ସାହସ ଜୁଟେଇ ପାରୁନୁ, ସତ କହିବାକୁ ଶକ୍ତି ଯୋଗାଡ କରିପାରୁନୁ । ସତ ଉପରେ ଭୁଲାପଣ ଆମର ଭାରିପଡୁଛି । ନିଜ ପାଇଁ, ପରିବାର ପାଇଁ, ପରିଜନଙ୍କ ପାଇଁ ଦୁର୍ନୀତି କରି, ଅସ୍ୱ ଉପାୟରେ ଧନ ସଞ୍ଚୟ କରିବାକୁ ବେଶ୍ ମନେ ରଖିପାରୁଛୁ । ପାଠ ପଢା ଜୀବନ ଶେଷ ନ ହେଉଣୁ, ଚାକିରି ଜୀବନ ଆରମ୍ଭ ନ ହେଉଣୁ, କେମିତି ଉପୁରି ହେବ, ଅସତ ଉପାୟରେ ଅର୍ଥ ରୋଜଗାର କରିହେବ, ତାହାକୁ କିନ୍ତୁ ଆମେ ଭୁଲିପାରୁନୁ । କାହାଠାରୁ ଆସିବ ଓ କାହା ନିକଟକୁ ଯିବ, ତାକୁ ଭଲଭାବେ ମନେ ରଖିପାରୁଛୁ । ସାମଗ୍ରିକ ସ୍ୱାର୍ଥ ପାଇଁ, ସମାଜର ବିକାଶ ପାଇଁ କିନ୍ତୁ ଭୁଲାପଣଟା ମଣିଷକୁ କବଳିତ କରିନେଉଛି । ଯେତେ କାଳ ପର୍ଯ୍ୟନ୍ତ ଏମିତି ସମୂହ ସ୍ୱାର୍ଥ ଛାଡି ବ୍ୟକ୍ତିସ୍ୱାର୍ଥ ପଛରେ ଧାଇଁଥିବା, ଭୁଲାପଣକୁ ଜାବୋଡି ଧରିଥିବା, ଭୁଲାପଣ ନାଁରେ ସତ୍ୟକୁ ଅସତ୍ୟର ବାଟ ଦେଖାଇ ଦେଇ ଚାଲିଥିବା, ବିକାଶ ମରୀଚିକା ପରି ଆମ ଆଗେ ଆଗେ ସେମିତି ଧାଇଁଥିବ! ସେଥିପାଇଁ ବୋଧେ ଦିବ୍ୟଦ୍ରଷ୍ଟା ମଧୁବାବୁ ଲେଖିଥିଲେ, 'ଜାତି ନନ୍ଦିଘୋଷ ଚଳିବ କି ଭାଇ, ସ୍ୱାର୍ଥକୁ ସାରଥି କଲେ, ଟାଣେ କିରେ ଗାଡ଼ି, ଦାନାର ତୋବଡା ଘୋଡା ମୁହେଁ ବନ୍ଧାଥିଲେ' ।

## ସକଳ ଶକ୍ତିର ଆଧାର ସୂର୍ଯ୍ୟ

ସୂର୍ଯ୍ୟ ସକଳ ଶକ୍ତିର ଆଧାର । ସେ ତେଜ ଓ ପ୍ରାଣଶକ୍ତିର ସ୍ୱରୂପ ଏବଂ ଚରାଚର ବିଶ୍ୱର ଆତ୍ମା । ଯାହାଙ୍କ ବିନା ସଂସାର ତିଷ୍ଠି ରହିବା ସମ୍ଭବ ନୁହେଁ । ସୂର୍ଯ୍ୟଦେବଙ୍କ ବିଷୟରେ ଋଗ୍‌ବେଦରେ ବର୍ଣ୍ଣନା କରାଯାଇଛି । ସୂର୍ଯ୍ୟ ଓଁକାର ସ୍ୱରୂପ । ସୂର୍ଯ୍ୟଙ୍କୁ ଜଗତ ପିତା ଓ ଧର୍ମର ଦେବତା ରୂପେ ଆରାଧନା କରାଯାଏ । ପରମାତ୍ମାଙ୍କର ପ୍ରତ୍ୟକ୍ଷ ସ୍ୱରୂପ ହିଁ ସୂର୍ଯ୍ୟ । ସେ ହିଁ ଅକ୍ଷୟ ଓ ପରିବର୍ତ୍ତନ ରହିତ ଶାଶ୍ୱତ ବ୍ରହ୍ମ । ତାଙ୍କ ଉପାସନା ଓ ଆରାଧନା ମନୁଷ୍ୟର ପାପରାଶିକୁ କ୍ଷୟ କରି ଅଷ୍ଟ ଐଶ୍ୱର୍ଯ୍ୟ ପ୍ରଦାନ କରେ । ଉଦୟକାଳୀନ, ମଧ୍ୟାହ୍ନ ଓ ସାୟଂକାଳୀନ ସୂର୍ଯ୍ୟଙ୍କୁ ଯଥାକ୍ରମେ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ରୂପେ ଆରାଧନା କରାଯାଏ ।

ହିନ୍ଦୁ ଧର୍ମରେ, ସପ୍ତାହ ସାତଦିନ କୌଣସି ନା କୌଣସି ଦେବଦେବୀଙ୍କୁ ସମର୍ପିତ । ସୋମବାର ଶିବଙ୍କୁ ସମର୍ପିତ ହୋଇଥିବା ବେଳେ, ମଙ୍ଗଳବାରରେ ଦେବୀ ମଙ୍ଗଳା ଓ ହନୁମାନଙ୍କୁ ପୂଜା କରାଯାଏ । ଏହିକ୍ରମରେ, ସୂର୍ଯ୍ୟଦେବଙ୍କୁ ରବିବାର ସମର୍ପିତଛ ତେବେ ସପ୍ତାହକ ମଧ୍ୟରେ ରବିବାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ପବିତ୍ର ଦିନ ବିଷୟରେ ପୁରାଣ ଶାସ୍ତ୍ରରୁ ଆରମ୍ଭ କରି ଜ୍ୟୋତିଷ ଶାସ୍ତ୍ର ପର୍ଯ୍ୟନ୍ତ ସବୁଠାରେ ଉଲ୍ଲେଖ ରହିଛି । ହିନ୍ଦୁ ଧର୍ମ ଅନୁସାରେ ଏହି ଦିନଟି ପୂଜା, ଧ୍ୟାନ, ଦାନ, ତପସ୍ୟା ଓ ବିଭୁ କୃପା ଲାଭ ପାଇଁ ଏକ ପ୍ରକୃଷ୍ଟ ତଥା ସୁଗମ ଦିବସ । ସଂସ୍କୃତରେ ଏହି ଦିନଟିକୁ ଅର୍କବାସର ବୋଲି କୁହାଯାଏ । ବିଶ୍ୱାସ ରହିଛି ଯେ, ସୂର୍ଯ୍ୟନାରାୟଣଙ୍କ ବ୍ରତ ଓ ଉପାସନା କଲେ ଅଖଣ୍ଡ ସୌଭାଗ୍ୟ ପ୍ରାପ୍ତ ହୋଇଥାଏ । ସୂର୍ଯ୍ୟଦେବ ହେଉଛନ୍ତି ପ୍ରତ୍ୟକ୍ଷ ଭାବେ ଦର୍ଶନ ଦେଉଥିବା ଦେବତା । ଆଦିତ୍ୟଲୋକରେ ଭଗବାନ ସୂର୍ଯ୍ୟ ସାକାର ବିଗ୍ରହରେ ଅବସ୍ଥାନ କରନ୍ତି । ସେ ରକ୍ତପଦ୍ମ ଉପରେ ବିରାଜମାନ ହୋଇଥାଆନ୍ତି । ତାଙ୍କର ଶରୀରର ବର୍ଣ୍ଣ ହିରଣ୍ମୟ । କେତେକ ଶ୍ଳୋକରେ ତାଙ୍କର ବର୍ଣ୍ଣକୁ 'ପଦ୍ମଗର୍ଭ' ବୋଲି ମଧ୍ୟ କୁହାଯାଇଛି ।

ସୂର୍ଯ୍ୟଦେବଙ୍କ କୃପା ହେଲେ ଆରୋଗ୍ୟ ଓ ଆଶୀର୍ବାଦ ପ୍ରାପ୍ତି ହୋଇଥାଏ । ଯେଉଁମାନେ ସୂର୍ଯ୍ୟଙ୍କୁ ପ୍ରତିଦିନ ଜଳ ଅର୍ପଣ କରିବା ସହ ରବିବାର ଦିନ ସୂର୍ଯ୍ୟଦେବଙ୍କ ବ୍ରତ କରନ୍ତି ସେମାନଙ୍କ ମାନସମ୍ମାନ ଓ ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇଥାଏ । କୁହାଯାଏ, ସୂର୍ଯ୍ୟଦେବଙ୍କ ଉପାସନା କରିବା ଦ୍ୱାରା ନେତ୍ର ଓ ଚର୍ମ ରୋଗରୁ ମଧ୍ୟ ମୁକ୍ତି ମିଳିଥାଏ । ସୂର୍ଯ୍ୟଦେବଙ୍କ ତମ୍ବାରେ ର୍ନିମିତ ଏକ ପ୍ରତିମା ଘରର ମୁଖ୍ୟ ଦ୍ୱାରରେ ଲଗାଇଲେ ଆର୍ଥିକ ସମସ୍ୟା ଦୂର ହୋଇଥାଏ । ସୂର୍ଯ୍ୟଦେବଙ୍କ ଉପାସନା ପାଇଁ ପ୍ରାତଃକାଳରୁ ସ୍ନାନ ସାରି ସୂର୍ଯ୍ୟଙ୍କୁ ତମ୍ବା ପାତ୍ରରେ ଜଳ ଅର୍ପଣ କରନ୍ତୁ। ଏହି ଜଳରେ ସିନ୍ଦୂର ଏବଂ ନାଲି ଫୁଲ ପକାଇ ଅର୍ପଣ କରନ୍ତୁ । ଏହାପରେ ସୂର୍ଯ୍ୟଙ୍କ ମନ୍ତ୍ର 'ଓଁ ଆଦିତ୍ୟାୟ ନମଃ' ଜପ କରନ୍ତୁ । ସୂର୍ଯ୍ୟଦେବଙ୍କୁ ଅର୍ଘ୍ୟ ଅର୍ପଣବେଳେ ନାଲି ଏବଂ ହଳଦିଆ ରଙ୍ଗର ବସ୍ତ୍ର ପରିଧାନ ଦ୍ୱାରା ଭାଗ୍ୟରେ ପରିବର୍ତ୍ତନ ହୋଇଥାଏ ବୋଲି ବିଶ୍ୱାସ ରହିଛି ।

ଯିଏ ସୂର୍ଯ୍ୟ ଉପାସନା କରେ, ତା'ର ସମସ୍ତ ଦୁଃଖ କ୍ଳେଶ ଦୂର ହେବା ସହ, ଯଶ କୀର୍ତ୍ତି ବୃଦ୍ଧି ପାଇଥାଏ । ଏଥଲସହ ସମସ୍ତ ରୋଗରୁ ମୁକ୍ତି ଓ ସୌଭାଗ୍ୟ ପ୍ରାପ୍ତି ହୋଇଥାଏ ବୋଲି କୁହାଯାଏ ।

# ବରଫ ଝଡ଼ରେ ଆକ୍ରାମାକ୍ରା ଆମେରିକା

## ଆଣ୍ଟାର୍କଟିକା ପାଲଟିଛି ନ୍ୟୁୟର୍କ ସହର

## ଶତାଧିକ ମୃତ, ୨୦ ଲକ୍ଷ ପରିବାର ଅନ୍ଧାରରେ



ନ୍ୟୁୟର୍କ: ଭୟଙ୍କର ବରଫ ଝଡ଼ରେ ନାକେଦମ୍ ଆମେରିକା । ବରଫ ଝଡ଼ ଏବେ ଆମେରିକାକୁ ସ୍ତମ୍ଭୀଭୂତ କରିଦେଇଛି । ଅଣାୟତ୍ତ ସ୍ଥିତିରେ ବମ୍ ସାଇକ୍ଲୋନ୍ । ଡିପ୍ ଫ୍ରିଜର୍‌ରେ ଉତ୍ତର ଆମେରିକା । ସତେକି ଫେରି ଆସିଛି ହିମଯୁଗ । ଅଶାନ୍ତ ସମୁଦ୍ର... ଭୟଙ୍କର ବରଫ ଝଡ଼... କେଉଁଠି ବର୍ଷା, ତ ଆଉ କେଉଁଠି ପ୍ରବଳ ତୁଷାରପାତ । ଏସବୁକୁ ଟପି ଯାଇଛି ରକ୍ତ ଜମାଇ ଦେବା ଭଳି ଶୀତର ପ୍ରକୋପ । ପ୍ରାୟ ୬୦ ପ୍ରତିଶତ ଅଞ୍ଚଳକୁ ଘୋଡ଼ାଇ ପକାଇଛି ବରଫର ସଫେଦ ଚାଦର । ବଡ଼ ବଡ଼ ବିଲଡିଂ ସହ ଗାଡି ମୋଟର କିଛି ବି ଦେଖାଯାଉନି । ରାସ୍ତାଘାଟର ଅବସ୍ଥା ନ କହିବା ଭଲ କେଉଁଠି କଣ ଅଛି ତାହା ଜାଣିବା ମୁସ୍କିଲ । ବରଫ ଝଡ଼ର ପ୍ରକୋପ ଏତେ ଅଧିକ ରହିଛି ଯେ, ଶତାଧିକ ଅଧିକ ଲୋକଙ୍କ ଜୀବନ ଗଲାଣି । ଅନେକ ଲୋକ ଏବେବି ହସ୍ପିଟାଲରେ କିମ୍ବା ଘରେ ଅଥପା ଅଧାବାଟରେ ଫସିରହି ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । ଏମରଜେନ୍ସି ରେସପନ୍ସ ବ୍ୟବସ୍ଥା ବି ଫେଲ୍ ମାରିଛି । ହଜାର ହଜାର ଲୋକଙ୍କ ଜୀବନଜୀବିକା ବିପନ୍ନ ହୋଇଛି ।

ଯୁକ୍ତରାଷ୍ଟ୍ର ଆମେରିକା, କାନାଡ଼ା, ମେକ୍ସିକୋ ଓ ଫ୍ଲୋରିଡ଼ା । ଉତ୍ତର ଆମେରିକା ମହାଦେଶର ଅଧିକାଂଶ ଅଞ୍ଚଳରେ ଜାରି ହୋଇଛି ରେଡ୍ ଆଲର୍ଟ । ଖ୍ରୀଷ୍ଟମାସ ଓ ନୂଆବର୍ଷ ଋତୁରେ ଲୋକଙ୍କୁ କବାଟ ଝରକା ବନ୍ଦ କରି ଘର ଭିତରେ ବନ୍ଦୀ ଜୀବନ କାଟିବାକୁ ପଡୁଛି । ପ୍ରାୟ ୧୮ ଲକ୍ଷ ଲୋକ ଘରେ ଫସି ରହିଥିବା ବେଳେ, ରାସ୍ତାକଡ଼ରେ ଶୋଉଥିବା ବାସହରାଙ୍କ ଦୁର୍ଦ୍ଦଶା ଅସହ୍ୟ ହୋଇଛି । ସେମାନଙ୍କ ପାଇଁ ବିଭିନ୍ନ ସହରରେ ଖୋଲିଛି ଅସ୍ଥାୟୀ ଆଶ୍ରୟସ୍ଥଳୀ । ଝଡ଼ରେ ବିଦ୍ୟୁତ ଭିତ୍ତିଭୂମି କ୍ଷତିଗ୍ରସ୍ତ ହେବା ଫଳରେ, ୨୦ ଲକ୍ଷରୁ ଅଧିକ ପରିବାର ଅନ୍ଧାରରେ ଅଛନ୍ତି ।

ପଶ୍ଚିମ ନ୍ୟୁୟର୍କର ବୁଫାଲୋ ସହର ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଛି । ବମ୍ ସାଇକ୍ଲୋନ୍ ଯୋଗୁଁ ବିଲଡିଂ ଗୁଡିକ ବରଫରେ ତିଆରି ପ୍ରାସାଦ ଭଳି ଜଣାପଡୁଛି । ସମୁଦ୍ର ପାଣି ମାଡ଼ରେ ସେଗୁଡିକ କାନଭାସରେ ଅଙ୍କାଯାଇଥିବା ପେଣ୍ଟିଂର ଭ୍ରମ ସୃଷ୍ଟି କରୁଛି । ପୋର୍ଟିକୋରେ ଥିବା ଆସବାବପତ୍ର ଗୁଡିକ ବରଫଗଦା ଉପରେ ରଖାଗଲା ଭଳି ଦେଖାଯାଉଛି । ରାସ୍ତାରେ ଥିବା କାରଗୁଡିକୁ ଦେଖିଲେ ଚିହ୍ନି ହେଉନି । କାର ଉପରେ ଦୁଇରୁ ତିନିଫୁଟ ଉଚ୍ଚର ବରଫ ଜମା ହୋଇଛି । ଗାଡ଼ିକୁ ରାସ୍ତାରୁ ବାହାର କରିବା ଲୋକଙ୍କ ପାଇଁ କାଠିକର ପାଠ ହୋଇଛି । ଲୋକମାନେ ଜୀବନ ବିକଳରେ ଗାଡ଼ିକୁ ରାସ୍ତାରେ ଛାଡ଼ି ନିରାପଦ ସ୍ଥାନକୁ ପଳାଉଛନ୍ତି । ଆମେରିକାର ୬୦ ପ୍ରତିଶତ ଅଂଚଳ ପାଇଁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି । ଲୋକମାନଙ୍କୁ ଘରେ ରହିବାକୁ ସତର୍କ କରାଯାଇଛି । ଏଭଳି ଅଚାନକ ପ୍ରାକୃତିକ ଦୁର୍ବିପାକ ଯୋଗୁଁ ଫିକା ପଡ଼ିଯାଇଛି ଖ୍ରୀଷ୍ଟମାସ ଉତ୍ସବ । ବରଫ ଝଡ଼ ଯୋଗୁଁ ୧୫ ହଜାର ବିମାନ ସେବା ବାତିଲ ହୋଇଛି । ଖ୍ରୀଷ୍ଟମାସରେ ୧୭ଶହରୁ ଅଧିକ ଘରୋଇ ଓ ଆନ୍ତର୍ଜାତିକ ବିମାନ ସେବା ବାତିଲ ହୋଇଥିଲା । ଏଥିଯୋଗୁଁ ଲକ୍ଷାଧିକ ଯାତ୍ରୀ ବିମାନବନ୍ଦରରେ ଫସି ରହିଛନ୍ତି । ରାସ୍ତା ଖସଡା ଥିବା ଯୋଗୁଁ ଲୋକମାନେ ବାହାରକୁ ଯିବାକୁ ନିରାପଦ ମଣୁନାହାନ୍ତି । ଖ୍ରିଷ୍ଟମାସ ଋତୁରେ ଲୋକମାନେ ଘରେ ବନ୍ଦୀ ହୋଇ ରହିଛନ୍ତି ।

ଶୀତକାଳୀନ ଝଡ ଯୋଗୁଁ ଆମେରିକା ସହ କାନାଡ଼ା ଓ ମେକ୍ସିକୋରେ ସ୍ଥିତି ଗମ୍ଭୀର କାନାଡାର ବିଭିନ୍ନ ଅଞ୍ଚଳ ମଧ୍ୟରେ ଅସ୍ୱାଭାବିକ ତାପମାତ୍ରା ଚିନ୍ତାର କାରଣ ପାଲଟିଛି ।

# ଚମକିବ ଭୁବନେଶ୍ୱର ରେଲ୍‌ୱେ ଷ୍ଟେସନ୍

## ୨ ବର୍ଷରେ ସରିବ କାମ | ଖର୍ଚ୍ଚ ହେବ ୩୯୮ କୋଟି







ଭୁବନେଶ୍ୱର: ଭୁବନେଶ୍ୱର ରେଲ୍‌ୱେ ଷ୍ଟେସନର ହେବ ନବକଳେବର । ଗୁରୁବାର ଏହି ପ୍ରକଳ୍ପ ପାଇଁ ଭୂମି ପୂଜନ ହୋଇଛି । କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ଭୂମି ପୂଜନ କରିଥିଲେ । ଭୁବନେଶ୍ୱର ଷ୍ଟେସନର ନବୀକରଣ ସହ ବିଶ୍ୱସ୍ତରୀୟ କରିବା ଲାଗି ରୂପରେଖ ପ୍ରସ୍ତୁତ ହୋଇଛି । ବିଶ୍ୱ ସ୍ତରୀୟ ହେବାକୁ ଥିବା ଏହି ଷ୍ଟେସନରେ ବିମାନବନ୍ଦର ପରି ସମସ୍ତ ପ୍ରକାର ସୁବିଧା ମିଳିବ । ଗତ କିଛି ଦିନ ପୂର୍ବେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ନୂତନ ପ୍ରକଳ୍ପର ସମୀକ୍ଷା କରିଥିଲେ । ଷ୍ଟେସନର ନବକଳେବର ପାଇଁ ଟେଣ୍ଡର ପ୍ରକ୍ରିୟା ସରିଥିବାରୁ ଭୂମି ପୂଜନ ପରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଥିଲେ ।

ଷ୍ଟେସନକୁ ବିଶ୍ୱସ୍ତରୀୟ କରିବା ଲାଗି ୩୯୮ କୋଟି ଟଙ୍କାର ବ୍ୟୟ ଅଟକଳ ରଖାଯାଇଛି । ଦୁଇ ବର୍ଷ ମଧ୍ୟରେ କାମ ଶେଷ ହେବ ମାଷ୍ଟର କ୍ୟାଣ୍ଟିନ ପଟେ ୧୧ ମହଲା ବିଶିଷ୍ଟ ଏବଂ ପୁରୁଣା ଷ୍ଟେସନ ପଟେ ୪ ଓ ୬ ମହଲା ବିଶିଷ୍ଟ ଦୁଇଟି ବିଲ୍ଡିଂ ନିର୍ମାଣ ହେବ । ଷ୍ଟେସନର ଉଭୟ ପ୍ରବେଶ ପଥକୁ ପ୍ରଶସ୍ତ ଏବଂ ଉଚ୍ଚା କରାଯିବା ସହ ପାର୍କିଂ ଲାଗି ହେବ ସ୍ୱତନ୍ତ୍ର ବ୍ୟବସ୍ଥା । ଷ୍ଟେସନରେ ଏକାଧିକ ଫୁଟ୍ ଓଭରବ୍ରିଜ ନିର୍ମାଣ କରାଯିବ । ଦୈନିକ ଦେଢ ଲକ୍ଷ ଯାତ୍ରୀ ଯାଆସ କରିବା ଭଳି ଭିତ୍ତିଭୂମିର ସଂପ୍ରସାରଣ ହେବ । ପ୍ଲାଟଫର୍ମ ଭିତରେ ଯାତ୍ରୀ ଲାଉଞ୍ଜ, ୩୪ଟି ଲିଫ୍ଟ, ୨୦ ଏସ୍କାଲେଟର, ୨୧ଟି ରିଟାୟରିଂ ରୁମ, ୧୫୦ ବେଡ୍ ବିଶିଷ୍ଟ ଡର୍ମିଟୋରୀ, ଫୁଡ କୋର୍ଟ ଓ ଏଟିଏମ୍ ବି ସ୍ଥାପନ କରାଯିବ ।

ଏହି ଭୂମି ପୂଜନ ଉତ୍ସବରେ କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ଏବଂ ଉଦ୍ୟୋଗୀ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କୋଇଲା, ଖଣି ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଶୀ ପ୍ରମୁଖ ଯୋଗଦେଇଥିବା ବେଳେ ସାଂସଦ ପ୍ରତାପ ଷଡ଼ଙ୍ଗୀ ଏବଂ ଅପରାଜିତା ଷଡ଼ଙ୍ଗୀ, ବିଧାୟକ ଅନନ୍ତ ନାରାୟଣ ଜେନା ପ୍ରମୁଖ ଭୁବନେଶ୍ୱର ରେଳ ଷ୍ଟେସନରେ ଯୋଗଦାନ କରିଥିଲେ । ଏଥିସହିତ ରେଳ, ଯୋଗାଯୋଗ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବହୁ ପ୍ରତୀକ୍ଷିତ ଜନସାଧାରଣ କେନ୍ଦ୍ରିକ ଗୁରୁତ୍ୱପୂର୍ଣ୍ଣ ରେଳ ପ୍ରକଳ୍ପ ଭୁବନେଶ୍ୱର ରେଳ ଷ୍ଟେସନର ପୁନଃବିକାଶ ସହିତ ବିଶ୍ୱସ୍ତରୀୟ ଢାଞ୍ଚାରେ ନିର୍ମାଣ ପାଇଁ ଭୁବନେଶ୍ୱର ରେଳ ଷ୍ଟେସନରେ ଭିତ୍ତିପ୍ରସ୍ତର ଦେବା ସହିତ ପୁରୀ–ଜଳେଶ୍ୱର–ପୁରୀ ମେମୁ ଟ୍ରେନର ଶୁଭାରମ୍ଭ କରିଛନ୍ତି ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁଗୁଳ ଷ୍ଟେସନ ଠାରେ ଆୟୋଜିତ ରେଳବାଇ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପ୍ରହ୍ଲାଦ ଯୋଶୀ ଏବଂ ଅଶ୍ୱିନୀ ବୈଷ୍ଣବଙ୍କ ଉପସ୍ଥିତିରେ ସମ୍ବଲପୁର ଏବଂ ଶାଲିମାର ମଧ୍ୟରେ ନୂତନ ଏକ୍ସପ୍ରେସ ଟ୍ରେନର ଶୁଭାରମ୍ଭ କରାଇଥିଲେ । ଅନୁଗୁଳ–ଢେଙ୍କାନାଳ–ଭଦ୍ରକ ମାର୍ଗଦେଇ ସମ୍ବଲପୁର–ଶାଲିମାର–ସମ୍ବଲପୁର ଏକ୍ସପ୍ରେସ ଏହି ଅଞ୍ଚଳର ଲୋକଙ୍କ ଆକାଂକ୍ଷା ପୂରଣ କରିବ ଓ ଯାତ୍ରା ସୁବିଧା ଯୋଗାଇଦେବ ।

# ୨୦୨୩ରେ ଜନବହୁଳ ଦେଶ ହେବ ଭାରତ

ନୂଆଦିଲ୍ଲୀ: ୨୦୨୨ ସରିବାକୁ ବସିଛିଛ ନୂତନ ବର୍ଷ ୨୦୨୩କୁ ସ୍ୱାଗତ କରିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଏହି ନୂଆ ବର୍ଷ ଭାରତ ପାଇଁ ନୂଆ ସମ୍ଭାବନାର ବର୍ଷ ହେବାକୁ ଯାଉଛି । ଜି–୨୦ର ଅଧ୍ୟକ୍ଷତା ପରେ ଭାରତ ଆସନ୍ତା ବର୍ଷ ପୁଣି ଏକ ରେକର୍ଡ କରିବାକୁ ଯାଉଛି । ୨୦୨୩ ଏପ୍ରିଲ ୧୪ ସୁଦ୍ଧା ଭାରତ ବିଶ୍ୱର ଜନବହୁଳ ରାଷ୍ଟ୍ରରେ ପରିଣତ ହୋଇଯିବ । ଗତ ୩୦୦ ବର୍ଷରେ ପ୍ରଥମ ଥର ପାଇଁ ଭାରତ ଚୀନ୍‌କୁ ପଛରେ ପକାଇ ଦେବ । ୩୦୦ ବର୍ଷ ପର୍ଯ୍ୟନ୍ତ ଭାରତ ବିଶ୍ୱର ଜନବହୁଳ ରାଷ୍ଟ୍ର ହୋଇ ରହିବ ବୋଲି ଜାତିସଂଘ ରିପୋର୍ଟରେ ଆକଳନ କରାଯାଇଛି ।

ସୂଚନା ଅନୁଯାୟୀ ୧୨ ହଜାର ବର୍ଷ ତଳେ ମେକ୍ସିକୋରେ ସର୍ବାଧିକ ଲୋକ ରହୁଥିଲେ । ପ୍ରାୟ ୭ ହଜାର ବର୍ଷ ତଳେ ଚୀନ୍ ମେକ୍ସିକୋକୁ ପଛରେ ପକାଇ ଦେଇଥିଲା । ଏହାର ୬ ହଜାର ବର୍ଷ ପରେ ଭାରତ ବିଶ୍ୱର ଜନବହୁଳ ରାଷ୍ଟ୍ର ହୋଇଥିଲା । ତେବେ ୧୮ଶ ଶତାବ୍ଦୀରେ ଅର୍ଥାତ ୩୦୦ ବର୍ଷ ତଳେ ଚୀନ୍ ପୁଣି ଏହି ରେକର୍ଡ ନିଜ ନାମରେ କରିଥିଲା । ଏବେ ପୁଣିଥରେ ଜନସଂଖ୍ୟା କ୍ଷେତ୍ରରେ ଭାରତ ଚୀନ୍‌କୁ ପଛରେ ପକାଇବାକୁ ଯାଉଛି । ବିଶ୍ୱରେ ପ୍ରାୟ ୮୦୦ କୋଟି ଲୋକ ରହୁଛନ୍ତି । ଚୀନ୍‌କୁ ପଛରେ ପକାଇବା ସମୟରେ ଭାରତର ଜନସଂଖ୍ୟା ପ୍ରାୟ ୧୪୩ କୋଟି ରହିବ । ଅର୍ଥାତ ବିଶ୍ୱରେ ପ୍ରତି ୫ ଜଣରେ ଜଣେ ଭାରତୀୟ ରହିବ । ଭାରତୀୟଙ୍କ ହାରାହାରି ଉଚ୍ଚତା ୫.୫ ଫୁଟ । ୧୪୩ କୋଟି ଲୋକଙ୍କ ଉଚ୍ଚତା ମିଶାଇଲେ ଏହା ୭.୮୬ ବିଲିୟନ ଫୁଟ ଅର୍ଥାତ୍ ପ୍ରାୟ ୨୪ ଲକ୍ଷ କିମି ହେବ । ପୃଥିବୀଠାରୁ ଚନ୍ଦ୍ରର ଦୂରତା ୩.୮୪ ଲକ୍ଷ କିମି ରହିଛି । ଯଦି ଭାରତୀୟଙ୍କୁ ଜଣଙ୍କ ଉପରେ ଜଣଙ୍କୁ ଛିଡ଼ା କରିଦିଆଯାଏ ତେବେ ଚନ୍ଦ୍ରଠାରୁ ୬ ଗୁଣ ଉପରକୁ ଯାଇ ହେବ । ଭାରତ ଉପରେ ଜନସଂଖ୍ୟା ବୃଦ୍ଧିର ନକରାତ୍ମକ ପ୍ରଭାବ ମଧ୍ୟ ପଡିପାରେ । ଜନସଂଖ୍ୟା ଦ୍ରୁତଗତିରେ ବଢ଼ିଲେ ସମ୍ବଳର ଉତ୍ପାଦନ ଏବଂ ଯୋଗାଣର ଗତି ଧିମା ରହିବ । ୧୯୫୦ରେ ଭାରତରେ ପ୍ରତି ବର୍ଗକିମିରେ ୧୨୦ ଲୋକ ରହୁଥିଲେ । ୨୦୨୩ରେ ସମାନ କ୍ଷେତ୍ରରେ ୪୮୧ ଲୋକ ରହିବେ । ଅର୍ଥାତ ଗତ ୭୩ ବର୍ଷରେ ଭାରତର ଜନସଂଖ୍ୟା ଘନତ୍ୱ ୪ ଗୁଣ ବୃଦ୍ଧି ପାଇଛି ।

THE AADHAR ODISHA
ଆଧାର ଓଡ଼ିଶା


















# ବେବୀ ବମ୍ପ୍ ପାଇଁ ଚର୍ଚ୍ଚାରେ

**ବଲିଉଡ୍ ପାଇଁ ୨୦୨୨ ଚଳଚ୍ଚିତ୍ର ଅପେକ୍ଷା ଅଧିକ ଏଥିପାଇଁ ଚର୍ଚ୍ଚାରେ ଥିଲା, ଏହି ବର୍ଷ ବଲିଉଡ୍‌ର କିଛି ଆଗ ଧାଡିର ଅଭିନେତ୍ରୀ ଏକ ନୂତନ ଯାତ୍ରା ଆରମ୍ଭ କରିଥିଲେ । ମା’ ଭାବରେ ଏକ ନୂଆ ଯାତ୍ରା ଆରମ୍ଭ କରିଥିବା ଅଭିନେତ୍ରୀମାନଙ୍କ ମଧ୍ୟରେ ବଲିଉଡ୍‌ର ପ୍ରସିଦ୍ଧ ଅଭିନେତ୍ରୀମାନେ ଅଛନ୍ତି । ମା’ ହେବାର ଆନନ୍ଦ ପାଇଥିବା ଏହି ଅଭିନେତ୍ରୀମାନେ ବର୍ଷସାରା ଚର୍ଚ୍ଚାରେ ରହିଥିଲେ । ଏହି ଅଭିନେତ୍ରୀମାନେ ସେମାନଙ୍କର ପ୍ରେଗ୍ନାନ୍ସୀ ଫଟୋସୁଟ ପାଇଁ ଏବଂ ବେଳେବେଳେ ପିଲାମାନଙ୍କ ସହିତ ଫଟୋ ଶେୟାର କରି ଅନେକ ଆଲୋଚନାର ବିଷୟ ହୋଇଥିଲେ ।**



**ଆଲିଆ ଭଟ୍ଟ:** ଦୀର୍ଘ ବର୍ଷ ଧରି ପରସ୍ପରକୁ ଡେଟ୍ କରିବା ପରେ ରଣବୀର କପୁର ଏବଂ ଆଲିଆ ଭଟ୍ଟ ଏପ୍ରିଲ ୧୪ରେ ଏକ ବ୍ୟକ୍ତିଗତ ସମାରୋହରେ ବିବାହ କରିଥିଲେ । ଏହା ପରେ, ଜୁନ୍ ମାସରେ ସୋନୋଗ୍ରାଫି ସମୟରେ ଫଟୋ ଶେୟାର କରିବାବେଳେ ଆଲିଆ ସମସ୍ତଙ୍କ ସହ ମା’ ହେବାର ଖବର ଶେୟାର କରିଥିଲେ । ଏହି ଫଟୋ ସାମ୍ନାକୁ ଆସିବା ମାତ୍ରେ ପ୍ରଶଂସକମାନେ ବହୁତ ଖୁସି ହୋଇଯାଇଥିଲେ । ଏହି ଖବର ସମସ୍ତଙ୍କ ମୁହଁରୁ ଶୁଣିବାକୁ ମିଳିଥିଲା । ଆଲିଆ ମଧ୍ୟ ବେବୀବମ୍ପ ସହିତ ଅନେକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି ସମୟରେ ସୋସିଆଲ ମିଡିଆରେ ଭିଡିଓ ଏବଂ ଫଟୋଗୁଡ଼ିକ ଭାଇରାଲ୍ ହେବାରେ ଲାଗିଲା । ନଭେମ୍ବର ୬ ରେ ଆଲିଆ ଏକ ଶିଶୁ କନ୍ୟାଙ୍କୁ ଜନ୍ମ ଦେଇଥିଲେ । ଏନେଇ କପୁର ପରିବାରରେ ଖୁସିର ମାହୋଲ୍ ଖେଳିଯାଇଥିଲା ।

**ସୋନମ କପୁର:** ଚଳିତ ବର୍ଷ ମାର୍ଚ୍ଚରେ ସୋନମ କପୁର ତାଙ୍କ ଗର୍ଭଧାରଣର ଏକ ଖୁସି ଖବର ସୋସିଆଲ ମିଡିଆରେ ଶେୟାର କରିଥିଲେ । ସୋନମ କପୁର ଏବଂ ଆନନ୍ଦ ଆହୁଜା ଅଗଷ୍ଟ ୨୦ରେ ବାପାମାଆ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ । ସୋନମ ପୁଅ ‘ବାୟୁ’ଙ୍କୁ ଜନ୍ମ ଦେଇଥିଲେ । ସୋନମଙ୍କ ପ୍ରେଗ୍ନାନ୍ସୀ ଫଟୋସୁଟ୍‌କୁ ନେଇ ଖୁବ୍ ଚର୍ଚ୍ଚା ହୋଇଥିଲା । ଅଭିନେତ୍ରୀ ଏକ ଧଳା ରଙ୍ଗର ଫ୍ରଣ୍ଟ୍ ଓପନ ହାଇ ସ୍ଲିଟ୍ ଗାଉନ୍‌ରେ ନିଜର ପେଟ ଦେଖେଇବା ନଜର ଆସିଥିଲେ । ଏହି ଫଟୋଗୁଡ଼ିକ ଖୁବ୍ ଭାଇରାଲ୍ ହୋଇଥିଲା ।

**ବିପାଶା ବସୁ:** ବିପାଶା ବସୁ ଏବଂ କରଣ ସିଂହ ଗ୍ରୋଭର ୨୦୧୬ ମସିହାରେ ବିବାହ କରିଥିଲେ, ପ୍ରାୟ ଛଅ ବର୍ଷ ପରେ ଦୁହେଁ ବାପାମାଆ ହେବାର ଆନନ୍ଦ ପାଇଥିଲ । ନଭେମ୍ବର ୧୨ରେ ବିପାଶା ଏକ ଶିଶୁ କନ୍ୟାଙ୍କୁ ଜନ୍ମ ଦେଇଥିଲେ । ଏହାପୂର୍ବରୁ ବିପାଶାଙ୍କ ବେବୀବମ୍ପ୍ ଫଟୋସୁଟର ଚିତ୍ର ଚାରିଆଡେ ଭାଇରାଲ ହୋଇଥିଲା । ସେ ତାଙ୍କ ଖୋଲା ପେଟକୁ ଦେଖେଇଥିବାରୁ ତାଙ୍କୁ ସମାଲୋଚନାର ସମ୍ମୁଖୀନ ମଧ୍ୟ ହେବାକୁ ପଡିଥିଲା ।

**ଦେବିନା ବାନାର୍ଜୀ:** ଟିଭିର ପ୍ରସିଦ୍ଧ ଦମ୍ପତି ଦେବିନା ବାନାର୍ଜୀ ଏବଂ ତାଙ୍କ ସ୍ୱାମୀ ଗୁରୁମିତ ଚୌଧରୀ ମଧ୍ୟ ଚଳିତ ବର୍ଷ ବାପାମାଆ ହୋଇଥିଲେ । ନଭେମ୍ବର ୧୧ରେ ଦେବିନା ତାଙ୍କର ଦ୍ୱିତୀୟ କନ୍ୟାକୁ ଜନ୍ମ ଦେଇଥିଲେ । ପ୍ରଥମ ଝିଅ ଜନ୍ମର କିଛି ମାସ ପରେ ଦେବିନା ତାଙ୍କର ଦ୍ୱିତୀୟ ଗର୍ଭଧାରଣ ବିଷୟରେ ଘୋଷଣା କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲେ । ଦେବିନାଙ୍କ ଗର୍ଭବତୀ ଫଟୋସୁଟ୍‌କୁ ନେଇ ଅନେକ ବିବାଦ ଦେଖାଦେଇଥିଲାଛ ପ୍ରେଗ୍ନାନ୍ସୀ ଫଟୋସୁଟ୍ ପାଇଁ ମଧ୍ୟ ଦେବିନା ଚର୍ଚ୍ଚାରେ ରହିଥିଲେ ।







# ଶୀତରେ ଏକ୍ସରସାଇଜ୍



**ଫିଟ୍ ରହିବା ପାଇଁ ଏକ୍ସରସାଇଜ୍ କରିବା ଆବଶ୍ୟକ । ହେଲେ ଅଧିକାଂଶ ଯୁବପିଢ଼ି ଶୀତଦିନେ ଥଣ୍ଡା ଯୋଗୁ ଏକ୍ସରସାଇଜ୍ କରିବାକୁ ଇଚ୍ଛା କରି ନ ଥା’ନ୍ତି । ହେଲେ ନିୟମିତ ଏକ୍ସରସାଇଜ୍ କରିବା ଦ୍ୱାରା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦୂର ହୋଇଥାଏ । ତେବେ ଶୀତଦିନେ ଏକ୍ସରସାଇଜ୍ କରୁଥିଲେ କେତେକ ଦିଗ ପ୍ରତି ଦୃଷ୍ଟି ଦେଲେ ଉପକୃତ ହୋଇପାରିବେ**

- ଶୀତଦିନେ ୱାର୍କଆଉଟ୍ କରିବା ସମୟରେ କଟନ୍ କପଡ଼ା ବ୍ୟବହାର କଲେ ଝାଳରେ ଓଦା ହୋଇ ଥଣ୍ଡା ଲାଗିପାରେ । ତେଣୁ ଏହି ସମୟରେ ସିନ୍ଥେଟିକ୍ କିମ୍ବା ପଲିଷ୍ଟର କପଡ଼ା ବ୍ୟବହାର କରନ୍ତୁଛ ଫୁଲ୍ ସ୍ଲିଭ୍ ଟପ୍ସ ମଧ୍ୟ ପିନ୍ଧିପାରିବେ ।
- ଶୀତଦିନେ ଶରୀରକୁ ହାଇଡ୍ରେଟ ରଖିବା ଆବଶ୍ୟକ । କାରଣ ଗରମ ଦିନ ତୁଳନାରେ ଶୀତଦିନେ ଶରୀରରୁ କମ୍ ଝାଳ ବୋହିଥାଏ ଓ ବେଶୀ ଶୋଷ ଲାଗି ନ ଥାଏ । ଫଳରେ ଅନେକଙ୍କଠାରେ ଡିହାଇଡ୍ରେସନ ସମସ୍ୟା ଦେଖାଦେଇଥାଏ । ଏପରି ନ ହେବା ଲାଗି ଏଦିନେ ପର୍ଯ୍ୟାପ୍ତ ପରିମାଣରେ ପାଣି ପିଅନ୍ତୁ । ଫ୍ରୁଟ୍ ଜୁସ୍ କିମ୍ବା ସୁପ୍ ମଧ୍ୟ ପିଇପାରିବେ ।
- ଏକ୍ସରସାଇଜ୍ ପରେ କିଛି ସମୟ ବ୍ରେକ୍ ନିଅନ୍ତୁ । ଜିମ୍‌ରେ ଏକ୍ସରସାଇଜ୍ ସରିବା ପରେ ସାଙ୍ଗେ ସାଙ୍ଗେ ବାହାରକୁ ଆସନ୍ତୁ ନାହିଁ । କାରଣ ଏହି ସମୟରେ ବାହାର ପରିବେଶର ତାପମାତ୍ରା ଥଣ୍ଡା ଥିବାବେଳେ ଶରୀର ଗରମ ରହିଥାଏ । ତେଣୁ ସାଙ୍ଗେ ସାଙ୍ଗେ ବାହାରକୁ ଆସଲେ ଆପଣଙ୍କ ରକ୍ତ ସଞ୍ଚାଳନ ଉପରେ ପ୍ରଭାବ ପଡ଼ିଥାଏ ।



- ଶୀତଦିନେ ଅନେକେ ସୂର୍ଯ୍ୟ କିରଣରେ ଆଉଟ୍ଡୋର୍ ଏକ୍ସରସାଇଜ୍ କରିବାକୁ ଭଲପାଆନ୍ତି । ହେଲେ ଏକ୍ସରସାଇଜ୍ କରୁଥିଲେ ଟ୍ୟାନିଂ ହୋଇପାରେ । ତେଣୁ ବାହାରକୁ ଯିବା ପୂର୍ବରୁ ସନ୍‌ସ୍କ୍ରିନ୍ ଲଗେଇବାକୁ ଭୁଲନ୍ତୁ ନାହିଁ ।
- ଅନେକେ ଥଣ୍ଡା ଲାଗିବା ଯୋଗୁଁ ଶୀତଦିନେ ଗାଧୋଇ ନ ଥା’ନ୍ତି । କିନ୍ତୁ ୱାର୍କଆଉଟ୍ ସାରି ଫେରିବା ପରେ ପରିଷ୍କାର ଭାବେ ଗାଧୋଇ ଡ୍ରେସ୍‌କୁ ଭଲ ଭାବରେ ସଫା କରନ୍ତୁ । ନଚେତ୍ ଝାଳରେ ଧୂଳି ମଳି ଲାଗିବା ଦ୍ୱାରା କୁଣ୍ଡାଇ ହେବା ସହ ଅନ୍ୟାନ୍ୟ ଚର୍ମ ସମସ୍ୟା ଦେଖାଦେଇପାରେ ।
- ଶୀତଦିନେ ହଟ୍ ସାୱାର୍ ନେଉଥିଲେ ଏକ୍ସରସାଇଜ୍ ପରେ ଶରୀର ଗରମ ଥିବାରୁ ଏହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ ।

# ପ୍ରଦୂଷଣ ପ୍ରଭାବରୁ ରକ୍ଷା କରିବ ଗୁଡ଼



ପ୍ରଦୂଷଣ ଯୋଗୁ ଲୋକେ ଆଜ୍ମା, ବ୍ରୋଙ୍କାଇଟ୍ସ ଏବଂ ଶିଶୁଙ୍କ ମଧ୍ୟରେ ନିମୋନିଆ ଆଶଙ୍କା ବଢ଼ିବାରେ ଲାଗିଛି । ଆଗକୁ ଏହି ପ୍ରଦୂଷଣ ସ୍ତର ବୃଦ୍ଧିପାଇବ ବୋଲି ଜଣାପଡ଼ିଛି । ତେବେ ଗୁଡ଼ ସେବନ ଦ୍ୱାରା ଏହି ସମସ୍ୟାରୁ କିଛି ପରିମାଣରେ ରକ୍ଷାପାଇପାରିବେ । ନିକଟରେ ହୋଇଥିବା ଏକ ଗବେଷଣାରୁ ଏହା ସ୍ପଷ୍ଟ ହୋଇଛି । ଗବେଷଣା ଅନୁସାରେ, ଧୂଳି ଏବଂ ଧୂଆଁରେ କାମ କରୁଥିବା ଶ୍ରମିକ ଦୈନନ୍ଦିନ ଗୁଡ଼ ସେବନ କରିଥାନ୍ତିଛ ଫଳରେ ପ୍ରଦୂଷଣ ଯୋଗୁ ଦେଖାଦେଉଥିବା ରୋଗର ସମ୍ଭାବନା ସେମାନଙ୍କଠାରେ କମ୍ ଥାଏ । ପ୍ରକୃତରେ ଗୁଡ଼ ପ୍ରାକୃତିକ ରୂପରେ ଶରୀରରେ ଟକ୍ସିନକୁ ନିଷ୍କାସିତ କରିବାରେ ସାହାଯ୍ୟ କରିଥାଏ । କାହିଁ କେଉଁ କାଳରୁ ଗୁଡ଼ ଭାରତୀୟଙ୍କ ଖାଦ୍ୟ ତାଲିକାର ଏକ ଅଂଶ ପାଲଟିଆସିଛି । ଆଜି ବି ଅନେକ ଲୋକ ଖାଇବାରେ ଗୁଡ଼କୁ ପ୍ରାଧାନ୍ୟ ଦେଉଛନ୍ତି । କାରଣ ଏହା ପାଚନକ୍ରିୟାକୁ ସୁସ୍ଥ ରଖିଥାଏ । ଶରୀରର ମେଟାବଲିଜିମ୍ ସ୍ତରକୁ ମଧ୍ୟ ସୁଦୃଢ଼ ରଖିଥାଏ । ଏଥିରେ ଆଣ୍ଟି ଆଲର୍ଜିକ୍ ଗୁଣ ଥିବାରୁ ଆଜ୍ମା ରୋଗୀଙ୍କ ପାଇଁ ବେଶ୍ ଭଲ ମହୌଷଧି ଭାବେ ବିବେଚିତ ହୋଇଥାଏ । ପ୍ରଦୂଷଣ ଯୋଗୁ ସବୁଠୁ ଅଧିକ କଷ୍ଟ ନିଃଶ୍ୱାସ ନେବାରେ ହୋଇଥାଏ । ବିଷାକ୍ତ ପବନ କାରଣରୁ ପିଲାଠୁ ବୁଢ଼ା ସଭିଙ୍କ ରୋଗପ୍ରତିରୋଧକ କ୍ଷମତା ଦୁର୍ବଳ ହେବାରେ ଲାଗିଛି । ଗବେଷଣାରେ ଗୁଡ଼କୁ ଏସମସ୍ତ ସମସ୍ୟାରୁ ରକ୍ଷା ପାଇବାର ସଫଳ ନିଦାନ ବୋଲି କୁହାଯାଇଛି ।

THE AADHAR ODISHA
ଆଧାର ଓଡ଼ିଶା

# କୃଷି ଗଣନା ପାଇଁ ପ୍ରଥମ ଜିଲ୍ଲା ସ୍ତରୀୟ ସଂଯୋଜନା କମିଟି ବୈଠକ

## ଜିଲ୍ଲାର ୯୮୮ଗୋଟି ଗ୍ରାମରେ ଜାନୁଆରୀରୁ ଆରମ୍ଭ ହେବ ସର୍ଭେ

ସୁବର୍ଣ୍ଣପୁର: ଭାରତ ସରକାରଙ୍କ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରାଳୟ ଆନୁକୂଲ୍ୟରେ ହେବାକୁ ଯାଉଥିବା ଏକାଦଶ କୃଷି ଗଣନା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ପ୍ରଥମ ଜିଲ୍ଲା ସ୍ତରୀୟ ସଂଯୋଜନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ତଥା ଜିଲ୍ଲା କୃଷି ଗଣନା ଅଧିକାରୀ ଅବୋଲି ସୁନୀଲ ନରଓ୍ୱେଣଙ୍କ ପରାମର୍ଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟନାରାୟଣ ଦାଶଙ୍କ ଅଧକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ କୃଷି ଗଣନାର ଆଭିମୁଖ୍ୟ ସହିତ ଚଳିତ ବର୍ଷପାଇଁ ଏଥିରେ ସାମିଲ ହେବାକୁ ଥିବା ନୂତନ ନିୟମାବଳୀ ସମ୍ବନ୍ଧରେ ଆଲୋଚନା କରାଯାଇଛି । ୨୦୧୩ ମାର୍ଚ୍ଚ ୩୧ ସୁଦ୍ଧା ସମ୍ପୂର୍ଣ ହେବାକୁ ଧାର୍ଯ୍ୟ କରାଯାଇଥିବା ସମୟ ଅନୁଯାୟୀ ଚଳିତ ଡିସେମ୍ବର ମଧ୍ୟରେ ସର୍ଭେ ପାଇଁ ଆବଶ୍ୟକ କର୍ମଚାରୀଙ୍କ ତାଲିକା ପ୍ରସ୍ତୁତି ସହ ତାଲିମ ପ୍ରଦାନ ନିମନ୍ତେ ଆବଶ୍ୟକ ପଦକ୍ଷେପ ନିଆଯାଇ ଜାନୁଆରୀରୁ କ୍ଷେତ୍ରୀୟ ସର୍ଭେ କାର୍ଯ୍ୟ ଆରମ୍ଭ କରାଯିବା ନେଇ ବୈଠକରେ ସୂଚନା ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମକୁ ସୁବ୍ୟବସ୍ଥିତ ଓ ସୁପରିଚାଳନା ନିମନ୍ତେ ଜିଲ୍ଲା ଯୋଜନା ଓ ପରିସଂଖ୍ୟାନ ବିଭାଗର କର୍ମଚାରୀ, କୃଷି ବିଭାଗର ଗ୍ରାମସେବକ ସହ ରାଜସ୍ୱ ବିଭାଗର କ୍ଷେତ୍ର ଅଧିକାରୀ ସାମିଲ ରହିବେ । ଜିଲ୍ଲାର ସମସ୍ତ ୯୮୮ ଗ୍ରାମରେ ଏହି ସର୍ଭେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏଥି ନିମନ୍ତେ ୯୨ ଜଣ କର୍ମଚାରୀ ନିୟୋଜିତ ରହିବେ ।

ପ୍ରକାଶ ଥାଉକି ଉଦାହରଣ ଭାବେ ୨୦ ପ୍ରତିଶତ ଗ୍ରାମକୁ ସର୍ଭେ କରାଯାଇ ୧୦ମ କୃଷି ଗଣନା କରାଯାଇଥିବାବେଳେ ଚଳିତ ଏକାଦଶ କୃଷି ଗଣନାରେ ଜିଲ୍ଲାର ଶତ ପ୍ରତିଶତ ଗ୍ରାମକୁ ଡିଜିଟାଲ ଭାବେ ମୋବାଇଲ ଆପ ଜରିଆରେ ସମସ୍ତ ସର୍ଭେ କରାଯାଇ ୩ ଟି ପର୍ଯ୍ୟାୟରେ ଡାଟାବେସ ପ୍ରସ୍ତୁତି କରାଯିବ । ଏହି ଗଣନା କାର୍ଯ୍ୟରେ ଜମିର ମାଲିକାନା, ଜମିର ଆକାର ପ୍ରକାର, କୃଷି ଯନ୍ତ୍ରପାତି ଉପଯୋଗ, ତଥା ଅନ୍ୟାନ୍ୟ କୃଷି ଆନୁସଙ୍ଗିକ ବ୍ୟବହାର, ଫସଲ ପ୍ରଣାଳୀ ଆଦି ଉପରେ ତଥ୍ୟ ସଂଗ୍ରହ କରାଯିବ । ଡିଜିଟାଲ ମାଧ୍ୟମରେ ଥିବା ଜମିର ରେକର୍ଡକୁ ଏଥିପାଇଁ ବ୍ୟବହାର କରାଯିବ । ଏହି ଗଣନା କାର୍ଯ୍ୟରେ ଜମିର ମାଲିକାନା, ଜମିର ଆକାର ପ୍ରକାର, କୃଷି ଯନ୍ତ୍ରପାତି ଉପଯୋଗ, ତଥା ଅନ୍ୟାନ୍ୟ କୃଷି ଆନୁସଙ୍ଗିକ ବ୍ୟବହାର, ଫସଲ ପ୍ରଣାଳୀ ଆଦି ଉପରେ ତଥ୍ୟ ସଂଗ୍ରହ କରାଯିବ । ଡିଜିଟାଲ ମାଧ୍ୟମରେ ଥିବା ଜମିର ରେକର୍ଡକୁ ଏଥିପାଇଁ ବ୍ୟବହାର କରାଯିବ । ଏହି ଗଣନା କାର୍ଯ୍ୟର ପରିଚାଳନା ଓ ଅଗ୍ରଗତି ବିଭାଗ ୱେବ୍ ପୋର୍ଟାଲରେ ମଧ୍ୟ ଅପଲୋଡ଼ କରାଯିବ । ଏହି ସଂଯୋଜନା କମିଟି ବୈଠକ ଜିଲ୍ଲା ଯୋଜନା ଓ ପରିସଂଖ୍ୟାନ ଉପ ନିର୍ଦ୍ଦେଶକ ଚତୁର୍ଭୁଜ ସାହୁଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଥିବାବେଳେ କମିଟିର ସଦସ୍ୟ ଉପନିର୍ଦ୍ଦେଶକ କୃଷି ଗୌରୀ ଶଙ୍କର ସିଂ, ଜିଲ୍ଲା ମୁଖ୍ୟ ପ୍ରାଣୀସମ୍ପଦ ଅଧିକାରୀ ଡ଼ଃ ଏକେ କର, ସହକାରୀ ନିର୍ଦ୍ଦେଶକ ଉଦ୍ୟାନ ବିଭାଗ ହୃଷିକେଶ ଦାଶ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅସ୍ୟୁନି କୁମାର ଭୋଇ, ଡି ଆଇ ଓ ବିକାଶ ରଞ୍ଜନ ନାୟକ ପ୍ରମୁଖ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।



# ପୋଖରୀ ଖୋଳା ନାଁରେ ବଳି ପଡୁଛି ଝାଉଁ ଜଙ୍ଗଲ

ଅସ୍ତରଙ୍ଗ : ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ୍ ଛୁରିଆନା ପଞ୍ଚାୟତ ଅଧିନସ୍ଥ ଡ଼ାଲୁଅକଣି ନିକଟରେ ସ୍ଥାନୀୟ ସରପଞ୍ଚ ଓ ବନବିଭାଗ ମିଳିତ ହୋଇ ବଳି ପକାଇଦେବେ କି ଅସ୍ତରଙ୍ଗ ଅଞ୍ଚଳ ବିରାଟ ବିରାଟ କଞ୍ଚା ଝାଉଁ ଗଛ ? ପୋଖରୀ ଖୋଳା ନାଁରେ ବାଲି ଟ୍ରାକ୍ଟରରେ ଚାଲାଣ ସହ କଞ୍ଚା ଝାଉଁ ଗଛ ବଳି ପକାଇଦେବେ କି ଛୁରିଆନା ସରପଞ୍ଚ ? ପଂଚାୟତ ପୋଖରୀ ଖୋଳା ନାଁରେ ବାଲି ଚାଲାଣ ସହ ପରିବେଶହତ୍ୟା ଗ୍ରହଣୀୟ କି ? ପୋଖରୀ ଖୋଳିବା ପାଇଁ ନିକଟରେ ଥିବା ବିରାଟ ବିରାଟ କାୟ କଞ୍ଚା ଗଛ ସଫା କରିଦେଉଛନ୍ତି । କାହଁକି ବନବିଭାଗ ଅଧିକାରୀ ଜାଣି ପାରୁନାହାନ୍ତି । ନାଁ ସବୁ ଜାଣି ଶୁଣି ଧୃତରାଷ୍ଟ୍ର ସାଜିଛନ୍ତି । ତତସହିତ ପୋଖରୀ ଖୋଳା ନାଁରେ ଜେସିବି ଓ ଟ୍ରାକ୍ଟର ଲଗାଇ ସହ ସହ ଟ୍ରିପି ବାଲି ଚୋରା ଚାଲାଣ କରାଯାଉଛି । କାହଁକି ଜାଣି ପାରୁନାହଁ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ । ନାଁ ଜାଣି ଶୁଣି ସମସ୍ତେ ଚୁପ୍ । ଯାହାକି ଏଭଳି କଞ୍ଚା ଝାଉଁ ଗଛ କାଟିବାକୁ ପରିବେଶବିତି ମାନେ ଘୋର ବିରୋଧ କରୁଛନ୍ତି । ଏ ବିଷୟରେ ଅସ୍ତରଙ୍ଗ ବନଖଣ୍ଡ ଅଧିକାରୀ ବିଚିତ୍ରାନନ୍ଦ ବେହେରାଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବାରୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରି ନ ଥିଲା ।

# ସୋଲାର ଅଛି ଟାଙ୍କି ନାହିଁ: ଲୋକେ ପିଉଛନ୍ତି ଝରଣା ପାଣି

ବିଷମକଟକ/ରାୟଗଡା: ସୋଲାର ଟାଙ୍କି ଅଛି ହେଲେ ପାଣି ନାହିଁ । ଲୋକେ ପିଉଛନ୍ତି ଝରଣା ପାଣି । ଏଭଳି ଏକ ଅଭାବନିୟ ଦୃଶ୍ୟ ଦେଖିବାକୁ ପାଉଛୁ ରାୟଗଡା ଜିଲା,ବିଷମକଟକ ବ୍ଲକ୍ ଭାତପୁର ପଞ୍ଚାୟତର ଡଙ୍ଗର ବୋଲାଙ୍ଗିର ଗ୍ରାମଠାରେ । ଜଳ ହିଁ ଜୀବନ, ଜଳ ବିନା ବଞ୍ଚିବା କଷ୍ଟକର ବୋଲି ଲୋକେ କହୁଥିବା ବେଳେ, ଡଙ୍ଗର ବୋଲାଙ୍ଗିରରେ ସୋଲାର ଟାଙ୍କି ବୋରୱେଲ୍ ଥାଇବି ଲୋକେ ଗୋଳିଆ ଝରଣା ପାଣି ପିଇ ଦୀନ ବିତାଉଥିବାର ଦେଖିବାକୁ ମିଳୁଛି । ହେଲେ ଏଠି ପ୍ରଶ୍ନ ଉଠୁଛି ସରକାର ପାଣି ପାଇଁ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି । କାହାପାଇଁ ଲୋକଙ୍କ ପାଇଁ ନା ଠିକାଦାରଙ୍କୁ ମାଲେମାଲ୍ କରିବା ପାଇଁ । କିଭଳି ପାଣି ବ୍ୟବହାର ପାଇଁ କରାଯାଉଛି । ପୁଣି ତାହା ସମୟ ସମୟ ଧରି ଅପେକ୍ଷା କରି । ଥରେ ଜଣେ ପାଣିନେଲେ ପାଣି ଗୋଳିଆ ହେଇଯାଉଛି । ପୁଣି ପାଣି ସଫା ହେବାଯାଏ ଅପେକ୍ଷା କରିବାକୁ ପଡୁଛି । ଶହେ ମିଟର କି ଦୁଇଶହ ମିଟର ନୁହେଁ ଝରଣାରୁ ଦୁଇ କିମି ବାଟ ଚାଲି ଚାଲି ପାଣି ବୋହି ନବାକୁ ପଡେ ଗାଁକୁ,ତାହା ମଧ୍ୟ ପଥୁରିଆ ଓ ବିଲ ହିଡଦେଇ । ଆଉଥରେ ନଜର ପକାନ୍ତୁ ଦୃଶ୍ୟକୁ ପାଣିପାଇଁ କିଭଳି ରାସ୍ତା ଦେଇ ଯାଉଛନ୍ତି । ବୁଢା ମାଁ ମାନେ,ଟିକିଏ ଝୁଣ୍ଟି ପଡିଗଲେ ଆର ପାରିକୁ ଯିବା ସୁନିଶ୍ଚିତ । ବାଡି ସାଜିଛି ସେମାନଙ୍କ ବଳ, ଜୀବନ ବଞ୍ଚେଇବାକୁ ବାଡି କୁଟି କୁଟି ବହୁ କଷ୍ଟରେ ପାଣିପାଇଁ ଜିବାକୁ ବାଧ ହେଉଛନ୍ତି । ଅନ୍ୟପଟେ ପଞ୍ଚାୟତରୁ ର୍ନିମିତ ସୋଲାର ଟାଙ୍କି,ବୋରୱେଲ୍ ଖରାପ ଅସ୍ଥାରେ ପଡି ରହିଛି । ସୋଲାର ଟାଙ୍କି ବୋରୱେଲ୍ ଚାରିପଟ ଜଙ୍ଗଲ ମାଡିବସିଲାଣି,ଗାଁ ଲୋକଙ୍କ ସୁଚିତ ଅନୁଯାଇ ଜାନୁୟାରି ୨୩ ଆସିଲେ,ତିନି ବର୍ଷହେବ ସୋଲାର ଟାଙ୍କି ଖରାପ ହେଇ ପଡିରହିଛି । ଏହାକୁ କୈଣସି ପଞ୍ଚାୟତ କି ବ୍ଲକ୍ ପ୍ରସାସନ ଧ୍ୟାନ ଦେଉନାହାନ୍ତି । ଗ୍ରାମବାସି ବହୁବାର ୱାଡମେମ୍ବରକୁ ଜଣାଇ ସାରିଛନ୍ତି ହେଲେ ୱାଡମେମ୍ବର ଏଯାଇ ପଞ୍ଚାୟତ ଅଧିକାରିଙ୍କୁ ଜଣାଇନାହାନ୍ତ । ଏହାକୁ କେନ୍ଦ୍ରକରି ପାଣି ବିଭାଗ ବ୍ଲକ୍ କନିଷ୍ଠ ଯନ୍ତ୍ରୀ ରାଜଶ୍ରୀ ମହାସୟାଙ୍କୁ ଯୋଗାଯୋଗ କରିବାରୁ କହିଲେ ଏଁ ଯାଇ ଆମକୁ କିଛି ଅଭିଯୋଗ



ଆସିନି, ତିନିବର୍ଷ ହେଲା ଖରାପ ଅସ୍ଥା ହେଇପଡିଛି । କିନ୍ତୁ ଦୀପ୍ତ ମେଣ୍ଟ ଜାଣି ନଥିବା ଏକ ଭିତ୍ତିହୀନ କଥା ବୋଲି ଉପସ୍ଥିତ ଜନତା ପ୍ରକାଶ କରିଛନ୍ତି । ଏଥିରୁ ଜଣାପଡୁଛି କନିଷ୍ଠା ଯନ୍ତ୍ରୀ ପୁରା ପୁରୀ ସଚୋଟ । କାହାରୀଠାରୁ ପିସି ନିଅନ୍ତି ନାହିଁ । ଆମେ ମାସେ କି ଦୁଇ ମାସ ପାଖା ପାଖି ହେଲାଣି ଭାତପୁର ପଞ୍ଚାୟତରେ ଅଭିଯୋଗ ଶୁଣାଣି ସିବିର ରଖିଥିଲୁ ,ପାଣି ସମସ୍ୟାକୁ ନେଇ କୈଣସି ଅଭିଯୋଗ ଆସିନି, ଖରାପ ଅଛି ଯଦି ଭାତପୁର ପଈଓ କହି ମରାମତି କରିବୁ,ତେବେ ଏଠି କାହା କଥାକୁ ବିଶ୍ୱାସ କରିହେବ, ଗ୍ରାମବାସିଙ୍କର ନା କନିଷ୍ଠ ଯନ୍ତ୍ରୀଙ୍କ । ଏପଟେ ଗାଁ ଲୋକେ ଖରାପ ପାଣି ପିଇ ନା ନା ପ୍ରକାର ରୋଗରେ ଶିକାର ହେଉଛନ୍ତି । ତେବେ ଗ୍ରାମବାସି ଯଥାଶିଘ୍ର ସୋଲାର ଟାଙ୍କି ବୋରୱେଲ୍ କାମ ମରାମତି କରିବାକୁ ଅଭିଯୋଗ କରିଛନ୍ତି ।

# ଲୋକମହୋତ୍ସବ ସାଂସ୍କୃତିକ କମିଟିର ବୈଠକ ଅନୁଷ୍ଠିତ

ସୁବର୍ଣ୍ଣପୁର: ଆସନ୍ତା ୧୪ ଜାନୁଆରୀରୁ ୧୮ ପର୍ଯ୍ୟନ୍ତ ସ୍ଥାନୀୟ ରାମେଶ୍ୱର ସ୍ଥିତ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେବାକୁଯାଉଛି ସୁବର୍ଣ୍ଣପୁର ଲୋକମହୋତ୍ସବ ୨୦୨୩ । ଏଥିପାଇଁ ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟ ନାରାୟଣ ଦାଶଙ୍କ ପୌରହିତ୍ୟରେ ସାଂସ୍କୃତିକ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇ ଚଳିତ ବର୍ଷର ସାଂସ୍କୃତିକ କାର୍ଯ୍ୟକ୍ରମକୁ ଚୂଡାନ୍ତ ରୁପରେଖ ଦିଆଯାଇଥିଲା । ୧୪ ଓ ୧୫ ତାରିଖ ଦୁଇଦିନ ଧରି ଜାତୀୟ ସ୍ତରର ଖ୍ୟାତି ସଂପନ୍ନ କଳାକାର ମାନଙ୍କ ଦ୍ୱାର କଳା ପରିବେଷଣ ସହ ଚଳିତ ବର୍ଷର ଏହି ମହୋତ୍ସବକୁ ଜାତୀୟ ସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ପାଇଁ ଜିଲ୍ଲାପାଳ ଅବୋଲି ସୁନିଲ ନରଓ୍ୱେଣ ସମସ୍ତ ପ୍ରୟାସ କରୁଛନ୍ତି । ୧୪ ତାରିଖରେ ଏକ ସାଂସ୍କୃତିକ ଶୋଭାଯାତ୍ରା ସହର ପରିକ୍ରମା କରିବା ସହ ଏହି ମହୋତ୍ସବ ଉଦଘାଟିତ ହେବ । ୩ ଦିନଧରି ରାଜ୍ୟତଥା ରାଜ୍ୟ ବାହାର ସାଂସ୍କୃତିକ ଦଳ ସବୁ ସେମାନଙ୍କ କଳା ପ୍ରଦର୍ଶନ କରିବାକୁ ଥିବାବେଳେ ପରବର୍ତ୍ତୀ ଦୁଇଦିନ ପର୍ଯ୍ୟନ୍ତ ପଲ୍ଲିଶ୍ରୀ ମେଳା ଅନୁଷ୍ଠିତ ହେବ । ବିଶେଷ କରି ଚଳିତ ବର୍ଷ ଜିଲ୍ଲାର ସମସ୍ତ ବ୍ଲକ୍ ସମେତ ପୌରାଞ୍ଚଳ ଓ ବିଜ୍ଞାପିତ ପରିଷଦରୁ ସାଂସ୍କୃତିକ ଦଳ ସବୁ ଅଂଶଗ୍ରହଣ କରୁଥିବା ବେଳେ ସହରର ସୁବର୍ଣ୍ଣପୁର ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ଓଡିଶୀ ନୃତ୍ୟ, ପଏଁରୀ ଓ ଟ୍ରେଣ୍ଡିଡେନ୍ସ ଏକାଡେମୀ ପକ୍ଷରୁ ଲୋକନୃତ୍ୟ ପରିବେଷଣ କରାଯିବ ସେହିପରି ବୌଦ୍ଧର ରୁଦ୍ର ଭୈରବୀ ଗୃପ୍, ବରଗଡ଼, ସୁନ୍ଦରଗଡ଼, ସମ୍ବଲପୁର, ଟିଟିଲାଗଡ଼ର ଢାପ୍ ନୃତ୍ୟ, ରାଉରକେଲା, ରାୟଗଡାର ଆଦିବାସୀ ନୃତ୍ୟ, ବାରିପଦାର ଛଉ, ଖଟଖଟିଆର ଯାତ୍ରୀ ଅନୁଷ୍ଠାନ ସହ ସୋହେଲା, ପଦମପୁର, କେସିଙ୍ଗା, ତଥା ରାଜ୍ୟର ବିଭିନ୍ନ ଜିଲ୍ଲାରୁ କଳାକାର ଓ ତାଙ୍କ ଦଳ ଆସି ଏଠାରେ କଳା ପ୍ରଦର୍ଶନ କରିବାପାଇଁ ସ୍ଥିର ହୋଇଥିବା ବେଳେ ପ୍ରତ୍ୟେକ ଦିନ ସ୍ଥାନୀୟ ଭୀମଭୋଇ କଳାପରିଷଦ ପକ୍ଷରୁ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରାଯିବ । ଏହି ବୈଠକରେ ଜିଲ୍ଲା ସଂସ୍କୃତି ଅଧିକାରୀ ଜମୁନା ପ୍ରଧାନ, ନାଟ୍ୟଶ୍ରୀ ଗଦାଧରବାରିକ, ଶ୍ରୀବତ୍ସ ମଲ୍ଲିକ, ଗୋବିନ୍ଦ ମହାରଣା, ମାନଭଞ୍ଜନ ମିଶ୍ର, ଦିଲ୍ଲୀପ ପାତ୍ର, ଚୌଧୁରୀ ବିଭାର, ପ୍ରଦ୍ୟୁମ୍ନ ସାହୁ, ସୁରେଶ ପ୍ରସାଦ ରଥ, ଲଡୁକିଶୋର ମଲ୍ଲିକ, ଉମେଶ କୁମ୍ଭାର, ଶତ୍ରୁଘ୍ନ ଲୁହା, ନିରାକାର ଦେହେରୀ, ନନ୍ଦକାହ୍ନା ପୁଝାରୀ, ବେଣିମାଧବ ବେଦବାକ, ଦେବାଶିଷ ପଟ୍ଟନାୟକଙ୍କ ସହ ସଂସ୍କୃତି କାର୍ଯ୍ୟାଳୟର ଦୁଃଖୀ ଶ୍ୟାମ ସେଠୀ ବିଜୟ ମେହେର ପ୍ରମୁଖ ଉପସ୍ଥିତ ଥିଲେ ।

ପ୍ରତିଯୋଗିତାମୂଳକ ପରୀକ୍ଷାରେ ଇଂଲିଶ୍ ବାକ୍ୟର ବ୍ୟାକରଣଜନିତ ଭ୍ରମ ସଂଶୋଧନ ଏକ ଅନିର୍ବାଯ୍ୟ ଅଙ୍ଗ। ଛାତ୍ରୀଛାତ୍ରଙ୍କ ବ୍ୟାକରଣ ଜ୍ଞାନ ବୃଦ୍ଧି ସକାଶେ ଆଧାର ଓଡ଼ିଶା ତରଫରୁ ଏହି ସ୍ତମ୍ଭକୁ ପ୍ରସ୍ତୁତ କରୁଛନ୍ତି ପ୍ରାଧ୍ୟାପକ ପ୍ରମୋଦ କୁମାର ରଥ।

ଶିକ୍ଷା



# Correction of Errors

Wrong : Who are you talking?
Right : Who are you talking to?
Wrong : He has recently met with me.
Right : He has recently met me.
Wrong : Cultural activities are going on in the campus.
Right : Cultural activities are going on on the campus.
Wrong : Let's discuss about the current issue.
Right : Let's discuss the current issue.
Wrong : The reason is because they are hostile to him.
Right : The reason is they are hostile to him.
Wrong : She performed a we stern music in the evening on the Christmas Day in the Town Auditorium.
Right : She performed a western music in the Town Auditorium in the evening on Christmas Day. (adverb of place, specific time and then general time)
Wrong : We bought some Chinese new attractive utensils.
Right : We bought some new Chinese attractive utensils. (the order of adjectives :- age, national and quality)
Wrong : Please add some flavour with the curry.
Right : Please add some flavour to the curry.
Wrong : You can contact with me.
Right : You can contact me.
Wrong : Students will pay their dues by 15th of this month.
Right : Students shall pay their dues by 15th of this month.

# ଓଡ଼ିଶାରେ ସରକାର ଚଳାଉଛି କିଏ: ଜେପି ନଡ୍ଡା

କନ୍ଧମାଳ : ରାଜ୍ୟ ସରକାରଙ୍କୁ ଜବାବ ମାଗିଲେ ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା । କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧର ଜାଲେଶପଙ୍ଗା ଦଳୀୟ ସମାବେଶରେ ଯୋଗ ଦେଇ ଜେପି ନଡ୍ଡା ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି । ଶ୍ରୀମନ୍ଦିରର ରତ୍ନ ଭଣ୍ଡାର ଚାବି କୁଆଡେ ଗଲା ? ଓଡ଼ିଆ ବିଶ୍ୱବିଦ୍ୟାଳୟ ଘୋଷଣା, କୁଆଡ଼େ ଗଲା ନୟାଗଡ଼ ଚିନିକଳ ଆଦି ଏମିତି ଅନେକ ପ୍ରସଙ୍ଗରେ ଜବାବ ମାଗିଛନ୍ତି । ସେହିପରି କେନ୍ଦ୍ରର ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରିବାରେ ରାଜ୍ୟ ସରକାର ପ୍ରତିବନ୍ଧକ ସାଜିଥିବା ନଡ୍ଡା କହିଛନ୍ତ । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ବିଜେଡିର ଶତାୟୁ ପ୍ରସଙ୍ଗରେ ଜବାବ ରଖିଛନ୍ତି ।




ରାଜ୍ୟ ସରକାରଙ୍କୁ ସିଧାସଳଖ ଟାର୍ଗେଟ୍ । ଟାର୍ଗେଟରେ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସରକାର । ଘନଘନ ପ୍ରଶ୍ନ, ଏକାଧିକ ପ୍ରସଙ୍ଗରେ ସମାଲୋଚନା । ଏହି ସମାଲୋଚନା ପଛରେ କେବଳ ଯେ, ରାଜ୍ୟ ସରକାରଙ୍କୁ ଘେରିବାର ଲକ୍ଷ୍ୟ ରଖିଛି ବିଜେପି, ତାହା ନୁହେଁ ଛ ବରଂ ଜେପି ନଡ୍ଡାଙ୍କ ଏହି ପ୍ରଶ୍ନବାଣ ପଛରେ ରହିଛି ୨୦୨୪ ପାଇଁ ରଣନୀତି । ତାହା ହୋଇନଥିଲେ, ବିଜେପି ଗୋଟି ଗୋଟି କରି ସେହି ସବୁ ପ୍ରସଙ୍ଗ ଉଠାଇଥାନ୍ତା କେମିତି ଯାହାକୁ ନେଇ ଶାସକ ବିଜେଡି ଦଳ ହରଡ଼ ଘଣାରେ ପଡ଼ିଛି । ଆୟୁଷ୍ମାନ ଯୋଜନାରେ ଓଡ଼ିଶା ସାମିଲ ନହେବା । ଏନସିଆରବି ରିପୋର୍ଟକୁ ସାମ୍ନାରେ ରଖି ମହିଳା ନିର୍ଯାତନା ଓ ମାନବ ଚାଲାଣ ପ୍ରସଙ୍ଗ ଉଠାଇବା । ଓଡ଼ିଶା ପୁଲିସ ଉପରେ ଆକ୍ରମଣ କଥା ଉଠାଇ, ପୁଲିସର ସୁରକ୍ଷା କଥା କହିବା, ସ୍ପଷ୍ଟ କରିଦେଉଛି ଯେ, ବିଜେଡି ସହ ମୁକାବିଲା କରିବା ପାଇଁ ବଡ଼ ଯୋଜନା କରୁଛି ଭାରତୀୟ ଜନତା ପାର୍ଟି । ଏସବୁ ଭିତରେ ଗୋଟିଏ ପାଦ ଆଗକୁ ଯାଇ, ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗର ଉତ୍ତର ଦେବା ସହ ପାଲଟା ଅଭିଯୋଗ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଜାତୀୟଦଳ ଗୁଡ଼ିକର ଫୋକସରେ ଓଡ଼ିଶାର ଉନ୍ନତି ନଥିବା ନେଇ ଯେଉଁ ଅଭିଯୋଗ କରିଥିଲେ, ଓଡ଼ିଶାର ଉନ୍ନତି ପାଇଁ ବିଜେପି କ'ଣ ସବୁ କରିଛି ତାର ଏକ ଲମ୍ବା ତାଲିକା ରଖିଛନ୍ତି । ସେହିପରି ବିଜେଡିର ଶତାୟୁ ପ୍ରସଙ୍ଗରେ ବି ମତ ରଖିଛନ୍ତି ଧର୍ମେନ୍ଦ୍ର ପ୍ରଧାନ । ତେବେ ରାଜନୀତିର ଏହି ବୟାନବାଜୀ ଭିତରେ ଦେଖିବାର କଥା ଆଗାମୀ ସାଧାରଣ ନିର୍ବାଚନରେ ଜନତା ମନ ଜିଣିବାରେ ଭାରତୀୟ ଜନତା ପାର୍ଟି କେତେ ସଫଳ ହେଉଛି ।

# ୨୬ରୁ ରାଜ୍ୟସ୍ତରୀୟ ଶାରଳା କପ୍ କ୍ରିକେଟ୍

ଅସ୍ତରଙ୍ଗ: ଜାନୁୟାରୀ ୨୬ରୁ ଆରମ୍ଭ ହେବ ୩୦ ତମ ଶାରଳା କପ୍ । ଅସ୍ତରଙ୍ଗ ବ୍ଲକ ପଛପଡିଆ ନରେନ୍ଦ୍ର ଷ୍ଟାଡିୟମରେ ଶାରଳା ସ୍ପୋର୍ଟିଂ କ୍ଲବ୍ ଆନୁକୂଲ୍ୟରେ ରାଜ୍ୟ ସ୍ତରୀୟ ଶାରଳା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ । ୨୬ରୁ ଉକ୍ତ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇ ଫେବୃଆରୀ ୨ ତାରିଖରେ ଉଦ୍‌ଯାପନ ହେବ ବୋଲି କ୍ଲବର ସଭାପତି ଯୁଗଳ କିଶୋର ମହାନ୍ତି ସାମ୍ବାଦିକ ସମିଳନୀରେ ପ୍ରକାଶ କରିଛନ୍ତି । ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୮ ଟି ଦଳ ଭାଗ ନେବାକୁ ଥିବା ବେଳେ ଚମ୍ପିୟାନ ଦଳକୁ ଶାରଳା କପ୍ ସହ ୩୦ ହଜାର ଟଙ୍କା ଏବଂ ରନର୍ସ ଦଳକୁ କପ୍ ସହ ୨୦ ହଜାର ଟଙ୍କା ପୁରସ୍କାର ଦିଆଯିବାକୁ ଆୟୋଜକ କ୍ଲବ ପକ୍ଷରୁ ଘୋଷଣା କରାଯାଇଛି । ଏହି ମ୍ୟାଚ କର୍କ ବଲ୍‌ରେ ଖେଳାଯିବ ଓ ପ୍ରତ୍ୟେକ ରନ୍ ଅନୁଯାଇ ଆକର୍ଷଣୀୟ ଉପହାର ରଖାଯାଇଛି ବୋଲି ସୂଚନା ଦେଇଛନ୍ତି କ୍ଲବର ଉପସଭାପତି ପ୍ରକାଶ ବେହେରା । ସାମ୍ବାଦିକ ସମ୍ମିଳନୀରେ ସମ୍ପାଦକ ଦୁର୍ଗା ଚରଣ ମହାରଣା, ସହସମ୍ପାଦକ ମିଥୁନ ବେହେରା, ମିଡ଼ିଆ ସେଲ ପବିତ୍ର ମହାନ୍ତି, ବିଭୂତି ଛାଟୋଇ, ପିଚ କ୍ୟୁରେଟର ସରୋଜ ଛାଟୋଇ, ଲକ୍ଷ୍ମୀଧର ଛାଟୋଇ, କୋଷାଧକ୍ଷ ମାନସ ବେହେରା, ଉପଦେଷ୍ଟା ଚଗଲା ମହାନ୍ତି, ରବୀନ୍ଦ୍ର ପରିଡା, ସଂଯୋଜକ ଦିବ୍ୟଦର୍ଶୀ ବିଶ୍ୱାଳ, ରାକେଶ ମହାନ୍ତିଙ୍କ ସମେତ ଅନ୍ୟ ସଦସ୍ୟମାନେ ଯୋଗ ଦେଇଥିଲେ ।

# ମହିଳା ପ୍ରତିନିଧିଙ୍କ ସ୍ଥାନରେ କାର୍ଯ୍ୟ କରୁଛନ୍ତି ସମ୍ପର୍କୀୟ

ଅସ୍ତରଙ୍ଗ: ମହିଳାଙ୍କ ପାଇଁ ରାଜ୍ୟ ସରକାରଙ୍କ ୫୦ ପ୍ରତିଶତ ସ୍ଥାନ ସଂରକ୍ଷିତ ରଖୁଥିବା ବେଳେ ନିର୍ବାଚିତ ମହିଳା ପ୍ରତିନିଧିଙ୍କ ଜାଗାରେ ତାଙ୍କ ସମ୍ପର୍କୀୟ କାର୍ଯ୍ୟ କରୁଛନ୍ତି । ଏପରି ଘଟଣା ଅସ୍ତରଙ୍ଗ ବ୍ଲକ୍‌ରେ ଦେଖିବାକୁ ମିଳିଛି । ରାଜ୍ୟ ସରକାର ମହିଳାଙ୍କୁ ସ୍ୱାବଲମ୍ବୀ କରିବାକୁ ଗୁରୁତ୍ୱ ଦେଉଥିବା ବେଳେ ପଞ୍ଚାୟତ ନିର୍ବାଚନରେ ୫୦ ପ୍ରତିଶତ ମହିଳା ଲଢ଼ିବାର ବ୍ୟବସ୍ଥା କରିଛନ୍ତି । ଅସ୍ତରଙ୍ଗ ବ୍ଲକର ୧୫ ପଞ୍ଚାୟତ ମଧ୍ୟରୁ ୮ ପଞ୍ଚାୟତରେ ମହିଳା ପ୍ରାର୍ଥୀନୀ ଗତ ପଞ୍ଚାୟତ ନିର୍ବାଚନରେ ବିଜୟୀ ହୋଇ ପ୍ରତିନିଧିତ୍ୱ କରୁଛନ୍ତି । ବିଜୟୀ ହୋଇଥିବା ପ୍ରାର୍ଥିନୀଙ୍କୁ କେବଳ କେତେକ ମିଟିଂରେ ଦେଖିବାକୁ ମିଳୁଛି । ଅନ୍ୟ ସମୟରେ ସେମାନଙ୍କ ସମ୍ପର୍କୀୟ ମାନେ ହାତରେ ଫାଇଲି ଧରି ଅଫିସ ଯାଇ କାର୍ଯ୍ୟ କରୁଛନ୍ତି । ପ୍ରକୃତରେ ପଞ୍ଚାୟତର ସମସ୍ତ କାର୍ଯ୍ୟ ପିଓମାନେ କରିବା କଥା । ସରପଞ୍ଚ ମାନେ ପଞ୍ଚାୟତରେ ରହି ସବୁ କାର୍ଯ୍ୟ ତଦାରଖ କରିବା ବ୍ୟବସ୍ଥା ରହିଛି । କିନ୍ତୁ ସମ୍ପର୍କୀୟ କାର୍ଯ୍ୟ ତଦାରଖ କରୁଛନ୍ତି ।

# ବାଟବଣା ଜଳ ଯୋଗାଣ ପ୍ରକଳ୍ପ

ଭଦ୍ରକ: ଘରେ ଘରେ ପହଞ୍ଚିବ ସ୍ୱଚ୍ଛ ଓ ବିଶୁଦ୍ଧ ଜଳ । ରାଜ୍ୟ ସରକାରଙ୍କର ଏହି ଘୋଷଣା କେବଳ ନାମକୁ ମାତ୍ର । ସରକାରୀ ବାବୁଙ୍କର ଅବହେଳା ପାଇଁ ଚାଲିଛି ମନଇଚ୍ଛା କାର୍ଯ୍ୟ । ଏମିତି କି ଉପରିସ୍ଥ ଅଧିକାରୀ ତଦାରଖ କରିବା ବେଳେ ଦୋଷତ୍ରୁଟି ଭୁଲ ଜଳ ଜଳ ହୋଇ ଦିଶୁଥିଲେ ବି ସମସ୍ତେଚ ଚୁପ୍ । ଏହାର ଅର୍ଥ ତଳୁ ଉପର ପର୍ଯ୍ୟନ୍ତ ସମସ୍ତେ ଖାଉଛନ୍ତି । ଜନତା ହେଲେ ଜଳକା । ତେଣୁ ବିଭାଗୀୟ ଅଧିକାରୀମାନେ ମନମାନି କରିବା ସ୍ୱାଭାବିକ କଥା । ଭଦ୍ରକ ଜିଲ୍ଲାରୁ ଦେଖିବାକୁ ମିଳିଛି ଏମିତି ଦୃଶ୍ୟ । ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ବ୍ଲକ୍ ନିର୍ଗୁଣ୍ଡି ପଞ୍ଚାୟତ ଗୁହାଳିଆ ଗ୍ରାମବାସୀଙ୍କ ପାଇଁ ରାଜ୍ୟ ସରକାର ଏକ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ପାଇଁ ପ୍ରକଳ୍ପର ଅନୁମୋଦନ କରିଛନ୍ତି । ଏହାର କାର୍ଯ୍ୟ ଚାଲିଛି । ପମ୍ପ ଘରଠାରୁ ଘର ସମ୍ମୁଖକୁ ପାଇପ ବିଛା ଯାଉଛି । ତେବେ ପାଇପ ଗୁଡିକ ଅଢ଼େଇ ଫୁଟ ଗଭୀରତାରେ ବିଛା ଯିବା କଥା । କିନ୍ତୁ ଠିକାଦାରଙ୍କ ମନମାନି ଓ ତଦାରଖ ଦାୟିତ୍ୱରେ ଥିବା ସରକାରୀ ବାବୁଙ୍କର ଅନୁପସ୍ଥିତି ପାଇଁ କାର୍ଯ୍ୟ ଠିକ୍ ହେଉନାହିଁ । ଗ୍ରାମବାସୀଙ୍କ ଅଭିଯୋଗ ଯେ ପାଇପ ଗୁଡିକୁ କମ ଉଚ୍ଚତାରେ ବିଛା ଯାଇଛି । ଏମିତି କି ପାଇପ ବିଛା କାର୍ଯ୍ୟ ସରିବା ପରେ ଖୋଳା ଯାଉଥିବା ରାସ୍ତାର ମରାମତି ମଧ୍ୟ କରାଯାଉ ନାହିଁ । ଖାଲି କାମ ଉପରେ କାମ ଚାଲିଛି । ଲୋକମାନେ ଭାବିବେ ଯାହେଉ ଆମ୍ଭ ସରକାର ଭଲ । କିନ୍ତୁ ଉପରେ ଚକାଚକ ଭିତରେ ପୋଲ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### କଂସଙ୍କୁ ଘାରିଛି କୃଷ୍ଣ ଭୟ...

ଚାରିପଟେ ରାସନୃତ୍ୟ, ନଗର ସଙ୍କୀର୍ତ୍ତନ । ପୂର୍ଣ୍ଣକଳସ, ଫୁଲ ଚନ୍ଦନରେ ଲୋକେ ଚାହିଁ ରହିଛନ୍ତି କୃଷ୍ଣଙ୍କ କୋମଳ ପାଦର ସ୍ପର୍ଶକୁ । ଘରକାନ୍ଥ, ବାଡ଼ ସବୁଆଡ଼େ କୃଷ୍ଣାମୃତବାଣୀ । ଘଣ୍ଟଶଙ୍ଖ, ହୁଳହୁଳି, ସଂକୀର୍ତ୍ତନରେ କୃଷ୍ଣ ଗୋପପୁର ଭ୍ରମଣ କରିଛନ୍ତି ।

ଧନୁଯାତ୍ରାର ଦ୍ୱିତୀୟ ଦିବସରେ ମହାରାଜା କଂସ ପାତ୍ରମନ୍ତ୍ରୀଙ୍କ ସହିତ ନଗର ଭ୍ରମଣରେ ବାହାରି ପ୍ରଜାମାନଙ୍କ ଦୁଃଖସୁଖ ବୁଝିଥିଲେ । ଧୀରେ ଧୀରେ ମହାରାଜା କଂସର ଅତ୍ୟାଚାର ବି ବି ଚାଲିଛି । ଏପରି ସ୍ଥିତରେ ମହାରାଜା କଂସଙ୍କ ମନୋରଞ୍ଜନ ପାଇଁ ଲୋକମଣ୍ଡପ ପଡ଼ିଆରେ ଉଦଘାଟିତ ହୋଇଯାଇଛି ରଙ୍ଗମହଲ । ଧନୁଯାତ୍ରା ମହୋତ୍ସବ ସମିତିର ଅଧକ୍ଷା ତଥା ବରଗଡ଼ ଜିଲ୍ଲାପାଳ ମୋନିଷା ବାନାର୍ଜୀ ମୁଖ୍ୟଅତିଥି ଭାବେ ଯୋଗଦେଇ ରଙ୍ଗମହଲ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମକୁ ମହୋତ୍ସବ ସମିତିର ଆବାହକ ସୁରେଶ୍ୱର ଶତପଥୀ ସଂଯୋଜନା କରିଥିବାବେଳେ ବରଗଡ଼ ସାଂସଦ ସୁରେଶ ପୂଜାରୀ, ବିଧାୟକ ଦେବେଶ ଆଚାର୍ଯ୍ୟ, ନଗରପାଳ କଳ୍ପନା ମାଝି, ଅତିରିକ୍ତ ଜିଲ୍ଲାପାଳ ମିର୍ଦ୍ଧା ଟପ୍ପୋ ଏବଂ କୃତିବାସ ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ । ରଙ୍ଗମହଳ କମିଟିର ଆବାହକ କିଶୋର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ରଙ୍ଗମହଲରେ ମହାରାଜା କଂସ ନୃତ୍ୟ ଗୀତରେ ମଜ୍ଜି ଯାଇଥିବା ସହ ଏହାର ଦାୟିତ୍ୱ ସେନାପତି ସାତ୍ୟକି ହାତରେ ଅର୍ପଣ କରିଥିଲେ । ନିଜ ପିତା ଉଗ୍ରସେନଙ୍କୁ ରାଜସିଂହାସନରୁ ବେଦଖଲ କରି ଯୁବରାଜ କଂସ ମଥୁରା ସିଂହାସନ ଆରୋହଣ କରି ଆରମ୍ଭ କରି ଦେଇଛନ୍ତି ତାଙ୍କର ଅନ୍ୟାୟ, ଅତ୍ୟାଚାର ।

ସେଥିରୁ ମୁକୁଳି ପାରିନାହାନ୍ତି କଂସଙ୍କ ପରିବାର ବର୍ଗ ତଥା ସମଗ୍ର ମଥୁରାପୁରବାସୀ । ରାଜ୍ୟାଭିଷେକ ପରେ ଦେବକୀଙ୍କ ଅଷ୍ଟମ ଗର୍ଭ ଦ୍ୱାରା ନିଜର ମୃତ୍ୟୁ ସୁନିଶ୍ଚିତ ଜାଣି ଭୟରେ ମହାରାଜ କଂସ ମଥୁରା ନଗରୀର ପ୍ରଜା ତଥା କାରାଗାରରେ ଥିବା ଭଉଣୀ ଦେବକୀ ଓ ଭିଣୋଇ ବସୁଦେବଙ୍କ ଉପରେ ଅକଥନୀୟ ଅତ୍ୟାଚାର ଆରମ୍ଭ କରିଦେଇଥିଲେ । ଦ୍ୱାରପାଳଙ୍କଠାରୁ ଖବର ପାଇ ଦେବକୀର ଗୋଟିଏ ପରେ ଗୋଟିଏ ୬ଟି ସନ୍ତାନକୁ ନିର୍ମମ ଭାବେ ଶିଳାରେ ପ୍ରହାର କରି ହତ୍ୟାକରି ମହାରାଜା କଂସ ନିଜର ଅସୁରତ୍ୱକୁ ପ୍ରମାଣ କରିଛନ୍ତି । ଜଗତପାଳ ବିଷ୍ଣୁ ଯୋଗବଳରେ ଦେବକୀଙ୍କର ସପ୍ତମ ଗର୍ଭକୁ ହରଣ କରି ରୋହୀଣୀଙ୍କ ଗର୍ଭରେ ସ୍ଥାପନ କରିଥିବାବେଳେ ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ପ୍ରବଳ ବର୍ଷା ମଧ୍ୟରେ ନିଷିଦ୍ଧ ରାତ୍ରୀର ଦ୍ୱିତୀୟ ପ୍ରହରରେ ମଥୁରା କାରାଗାର ମଧ୍ୟରେ ଦେବକୀଙ୍କ ଅଷ୍ଟମ ଗର୍ଭରୁ ଜନ୍ମଲାଭ ନେଇଛନ୍ତି ସୃଷ୍ଟିର ସର୍ତ୍ତା, ନ୍ୟାୟର ରକ୍ଷାକର୍ତ୍ତା ତଥା ସୃଷ୍ଟିର ସଂହାରକର୍ତ୍ତା ଶ୍ରୀକୃଷ୍ଣଙ୍କ କଂସ ଦ୍ୱାରା ଶିଶୁ ହତ୍ୟା ଆଶଙ୍କାର ଚିନ୍ତାଶୀଳ ଦେବକୀ ବସୁଦେବ ନାରାୟଣଙ୍କୁ ସ୍ମରଣ କଲାପରେ ଜଗତକର୍ତ୍ତାଙ୍କ ମାୟାବଳରେ କାରାଗାରର ଦ୍ୱାର ଖୋଲିଯାଇଛି ଓ ଶ୍ରୀକୃଷ୍ଣଙ୍କୁ ନେଇ ବସୁଦେବ ଗୋପପୁର ଯାତ୍ରା କରିବା ସମୟରେ ନଗର ସୀମାନ୍ତରେ ସୀମାନ୍ତରକ୍ଷୀ ଉଗ୍ରସେନଙ୍କ ସହିତ ସାକ୍ଷାତ କରି ଉଚ୍ଛୁଳା ଯମୁନା ନଦୀ ପାର ହୋଇ ଗୋପପୁରରେ ପହଞ୍ଚି ନିଦ୍ରିତ ଯଶୋଦାଙ୍କ କୋଳରେ ଶ୍ରୀକୃଷ୍ଣଙ୍କୁ ଥୋଇ ବିଜୁଳିକନ୍ୟାକୁ ନେଇ ମଥୁରା କାରାଗାରକୁ ଫେରିଥିଲେ ବସୁଦେବ । ଗୋପପୁରରେ ନନ୍ଦ ରାଜାଙ୍କ ଘରେ ଆରମ୍ଭ ହୋଇଛି ଉତ୍ସବ । ନନ୍ଦ ବଂଶରେ ପୁତ୍ର ସନ୍ତାନ ଜନ୍ମ ହେବା ଖୁସୀରେ ଆନ୍ଦରେ ନାଚୁଛନ୍ତି ସାରା ଗୋପପୁରବାସୀ ।

### ପୌଷରେ ବି ଲୋଡ଼ା...

କରାଇ ଥିଲେ ମଧ୍ୟ ରାଜ୍ୟରେ ଶ୍ୱେତ-ଶୀତର ଅଭାବ (ହିମାଳୟ ଅଞ୍ଚଳରେ ଶ୍ୱେତ ତୁଷାରର ଅଭାବ ଯୋଗୁଁ) ଦେଖା ଦେଇଛି ବୋଲି ଶ୍ରୀ ଦାସ କହିଛନ୍ତି । ଧୂଷର ଶୀତ ଯୋଗୁଁ ଡିସେମ୍ବର ମାସରେ ଏଯାବତ ୨୭ ଟି ରାତି ମଧ୍ୟରୁ କେବଳ ୭ ଟି ରାତିରେ ରାଜ୍ୟରେ ପାଖାପଖି ୪୦ ପ୍ରତିଶତ ସ୍ଥାନ କିମ୍ବା ତାଠାରୁ ଅଧିକ ସ୍ଥାନରେ ସ୍ୱାଭାବିକ ତାପମାତ୍ରାଠାରୁ ରାତ୍ରି ତାପମାତ୍ରା ୨ ଡିଗ୍ରୀ କିମ୍ବା ତାଠାରୁ କମ୍ ରହିଛି । ଏହାକୁ ଶୀତ ରାତି ଭାବେ ଗଣନା କରାଯାଉଛି । ବାକି ୧୫ ରାତିରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ୨ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ ହୋଇଥିବାରୁ ଏହାକୁ ଉଷ୍ମ ରାତି ଭାବେ ଗଣନା କରାଯାଇଛି ।

### ମହାନ ଫୁଟବଲର...

ଘଟିଥିଲା ବୋଲି ହସ୍ପିଟାଲ ପକ୍ଷରୁ ସୂଚନା ଦିଆଯାଇଛି । ଫୁଟବଲ କ୍ୟାରିୟର ମଧ୍ୟରେ ଅନେକ କୀର୍ତ୍ତିମାନ ସ୍ଥାପନ କରିଥିବା ଏହି କିମ୍ବଦନ୍ତୀ ତାରକା ଏକ ମାତ୍ର ଖେଳାଳି ଭାବେ ୩ ଥର ବିଶ୍ୱକପ୍ ଟାଇଟଲ ଜିତିଥିଲେ । ଗତ ବିଶ୍ୱକପ୍ ମ୍ୟାଚ୍ ବେଳେ ସେ ହସପିଟାଲ ବେଡ୍‌ରେ ଥାଇ ବ୍ରାଜିଲ ଟମ୍‌କୁ ଉତ୍ସାହିତ କରିଥିଲେ । ଏଥିସହ ଚାମ୍ପିଅନ ଆର୍ଜେଣ୍ଟିନା ଓ ଲିଓନେଲ୍ ମେସିଙ୍କୁ ଅଭିନନ୍ଦନ ଜଣାଇଥିଲେ । ହସ୍ପିଟାଲରେ ସେ ପରିବାର ସହ ଖ୍ରୀଷ୍ଟମାସ୍ ମଧ୍ୟ ପାଳନ କରିଥିଲେ ।

ତାଙ୍କ ବିୟୋଗରେ ସମଗ୍ର ବିଶ୍ୱରେ ଶୋକ ପ୍ରକାଶ ପାଇଛି । ବ୍ରାଜିଲ୍‌ର ବିଦାୟୀ ରାଷ୍ଟ୍ରପତି ଜାରି ବୋଲସୋନାରୋ ଶୋକ ପ୍ରକାଶ କରିବା ସହ ପେଲେଙ୍କ ସମ୍ମାନାର୍ଥେ ଦେଶର ୩ ଦିନିଆ ରାଷ୍ଟ୍ରୀୟ ଶୋକ ଘୋଷଣା କରିଛନ୍ତି । ୩ ଦିନ ଯାଏ ବ୍ରାଜିଲ୍‌ରେ କୌଣସି ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ହେବନି । ସେହିପରି ଜାତୀୟ ପତାକା ଅର୍ଦ୍ଧନମିତ ହୋଇ ରହିବ । ବୋଲସୋନାରୋ କହିଛନ୍ତି ଯେ ପେଲେ ହିଁ ବ୍ରାଜିଲ୍‌କୁ ବିଶ୍ୱ ଦରବାରରେ ପରିଚିତ କରାଇଥିଲେ ।

୧୯୪୦ ମସିହା ଅକ୍ଟୋବର ୨୩ରେ ପେଲେ ବ୍ରାଜିଲ୍‌ରେ ଜନ୍ମଗ୍ରହଣ କରିଥିଲେ । ୧୬ ବର୍ଷ ବୟସରେ ଅନ୍ତର୍ଜାତୀୟ କ୍ରୀଡ଼ା ଜୀବନ ଆରମ୍ଭ କରିଥିବା ଏହି ମହାନ ଖେଳାଳି ୯୨ ମ୍ୟାଚ୍‌ରେ ୭୭ ଗୋଲ୍ ଦେଇ ସର୍ବକାଳୀନ ଗୋଲ୍ ସ୍କୋରର୍ ହେବାର ଗେରବ ଅର୍ଜନ କରିଥିଲେ । ୩ ଫିଫା ବିଶ୍ୱକପ୍ (୧୯୫୮, ୧୯୬୨ ଓ ୧୯୭୦) ବିଜୟୀ ଦଳର ସଦସ୍ୟ ରହିବାରେ ସେ ଥିଲେ ଏକମାତ୍ର ଖେଳାଳି । ଏହି ବ୍ରାଜିଲ୍ ତାରକା ୧୮ ବର୍ଷ ବୟସରେ ପ୍ରଥମଥର ବିଶ୍ୱକପ୍ ଜିତିଥିଲେ । ୧୯୫୮ରେ ହୋଇଥିବା ଏହି ବିଶ୍ୱକପ୍ର ସ୍ୱିଡେନ୍ ବିପକ୍ଷ ଫାଇନାଲ୍‌ରେ ଦୁଇଟି ଗୋଲ୍ ଦେବା ସହ ମୋଟ ୬ ଗୋଲ୍ ସ୍କୋର କରିଥିଲେ । ୧୯୬୨ ବିଶ୍ୱକପ୍ରେ ସେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ୧୯୭୦ ବିଶ୍ୱକପ୍ ଫାଇନାଲ୍‌ରେ ତାଙ୍କ ପ୍ରାରମ୍ଭିକ ଗୋଲ୍‌ରେ ବ୍ରାଜିଲ ୪-୧ରେ ଇଟାଲିକୁ ମାତ୍ ଦେଇଥିଲା । ସେ ବ୍ରାଜିଲୀୟ କ୍ଲବ୍ ସାଣ୍ଟୋସ୍ ପକ୍ଷରୁ ସବୁଠୁ ଅଧିକ ସମୟ ଖେଳିଥିଲେ । ଏହି କ୍ଲବ୍ ପାଇଁ ମଧ୍ୟରେ ୬୫୯ ମ୍ୟାଚ୍ ଖେଳି ୬୪୩ ଗୋଲ୍ କରିଥିଲେ ।

### ପ୍ରଧାନମନ୍ତ୍ରୀଙ୍କ ମା'ହୀରା ...

ଏକ କୋହଭରା ଟ୍ୱିଟ୍‌ରେ ମୋଦି ଲେଖିଛନ୍ତି ଭଗବାନଙ୍କ ପାଦରେ ଏକ ଗୌରବମୟ ଶତାବ୍ଦୀର ଅନ୍ତ ହୋଇଛି । ମା' ଜଣେ ନିସ୍ୱାର୍ଥପର କର୍ମଯୋଗୀ ଥିଲେ ବୋଲି ମୋଦି ଲେଖିଛନ୍ତି । ଶୁକ୍ରବାର ସକାଳେ ବିନା ଆଡମ୍ବରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି । ଗାନ୍ଧି ନଗର ଶ୍ମଶାନରେ ପରିବାର ଲୋକଙ୍କ ଉପସ୍ଥିତିରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି । ନିଜେ ପ୍ରଧାନମନ୍ତ୍ରୀ ମୋଦି ଶେଷକୃତ୍ୟରେ ସାମିଲ ହେବା ସହ ଭାଇମାନଙ୍କ ସହ ମିଶି ମୁଖାଗ୍ନି ଦେଇଛନ୍ତି ।

୧୦୦ ବର୍ଷୀୟ ହୀରା ବେନଙ୍କ ଅନ୍ତିମ ସଂସ୍କାର ବେଳେ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଶ୍ମଶାନ ଘାଟରେ ଉପସ୍ଥିତ ଥିଲେ ।

ଶୁକ୍ରବାର ଭୋର ୩.୩୦ରେ ହୀରାବେନଙ୍କ ଦେହାନ୍ତ ହୋଇଥିଲା । ଏହି ଖବର ପାଇ ମୋଦି ତୁରନ୍ତ ବିମାନ ଯୋଗେ ଗୁଜରାଟ ଆସିଥିଲେ । ଘରେ ମା'ଙ୍କ ଅନ୍ତିମ ଦର୍ଶନ କରିବା ପରେ ସେ କୋକେଇକୁ ନିଜ କାନ୍ଧରେ ଅନ୍ତିମ ସଂସ୍କାର ପାଇଁ ବାହାରକୁ ଆଣିଥିଲେ । ଘର ପାଖରୁ ଗୋଟିଏ ଗାଡ଼ି ଯୋଗେ ହୀରା ବେନ୍‌ଙ୍କ ମରଶରୀରକୁ ଗାନ୍ଧିନଗର ଶ୍ମଶାନ ଯାଏ ନିଆଯାଇଥିଲା । ଶ୍ମଶାନ ନିକଟରେ ମଧ୍ୟ ପୁଣିଥରେ ମୋଦି ଓ ତାଙ୍କ ଭାଇମାନେ ମା'ଙ୍କ କୋକେଇକୁ ସଂସ୍କାର ଗୃହ ଯାଏ କାନ୍ଧରେ ନେଇଥିଲେ । ସେଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା ।

# ବରଗଡ଼ ଧନୁଯାତ୍ରାର ଅନ୍ୟତମ ଆକର୍ଷଣ

# 'ଗ୍ରୀନ୍ ରୁମ୍'



ବରଗଡ଼ ଧନୁଯାତ୍ରାର ଅନ୍ୟତମ ଆକର୍ଷଣ ହେଉଛି 'ଗ୍ରୀନ୍ ରୁମ୍'। ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ଯେତିକି ଦିନ ଧରି ଚାଲେ ସେତିକି ଦିନ ପର୍ଯ୍ୟନ୍ତ ଚଳ ଚଞ୍ଚଳ ହୋଇ ଉଠେ 'ଗ୍ରୀନ୍ ରୁମ୍'। ଏହି ଗ୍ରୀନ୍ ରୁମ୍‌ରେ ହିଁ କଳାକାରମାନଙ୍କୁ ଭିନ୍ନ ଭିନ୍ନ ଚରିତ୍ରରେ ଶିଳ୍ପୀମାନେ ସଜେଇ ଦେଇଥାନ୍ତି। ଧନୁଯାତ୍ରାରେ ଜଣେ କଳାକାରଙ୍କର ଯେତିକି ଗୁରୁ ରହିଥାଏ ରୂପକାର ଏବଂ ରଙ୍ଗକାରମାନଙ୍କର ମଧ ରହିଛି ସେତିକି ଗୁରୁତ୍ୱ। ଧନୁଯାତ୍ରା ଆସିଲେ କଳାକାରଙ୍କୁ ବିଭିନ୍ନ ଚରିତ୍ରରେ ପ୍ରସ୍ତୁତ କରିବା ପାଇଁ ଏହି 'ଗ୍ରୀନ ରୁମ୍'କୁ ଆଗୁଆ ପ୍ରସ୍ତୁତ କରାଯାଇଥାଏ। ୧୧ ଦିନ ପରେ ଧନୁଯାତ୍ରାର ସବୁ ଅଧ୍ୟାୟ ଶେଷ ହୋଇଯାଏ। କଳାକାରମାନେ ମୁହଁରୁ ରଙ୍ଗପୋଛି, ଦେହରୁ ନାଟକୀୟ ପୋଷାକ ଓହ୍ଲାଇ ପୁଣି ବ୍ୟସ୍ତ ହୋଇଯାଆନ୍ତି ନିଜ ନିଜର ଜୀବିକାରେ। ଆପେ ଆପେ ଗ୍ରୀନରୁମରୁ କଳାକାର ଓ ରୂପକାରମାନଙ୍କର ଭିଡ଼ ଅପସରି ଯାଏ। ଅଥଚ ୧୧ ଦିନର ସବୁ ଅନୁଭବ ଓ ଅନୁଭୂତିକୁ ସାଉଁଟି ପୃଥିବୀର ସର୍ବବୃହତ୍ ଗ୍ରୀନରୁମ୍ ନୀରବି ଯାଏ ପୁଣି ଗୋଟିଏ ବର୍ଷର ଅପେକ୍ଷାରେ।

## ମାରୱାଡ଼ି ଧର୍ମଶାଳା ପାଲଟିଯାଏ 'ଗ୍ରୀନ୍ ରୁମ୍'

ବରଗଡ଼ ସହରର ମାରୱାଡି ଧର୍ମଶାଳାକୁ ଧନୁଯାତ୍ରା 'ଗ୍ରୀନରୁମ୍' ଭାବେ ବ୍ୟବହାର କରାଯାଉଛି। ସମୟ ଏବଂ କଳାକାରଙ୍କ ସଂଖ୍ୟା ଆଧାରରେ ଏହାକୁ ପୃଥିବୀର ସବୁଠାରୁ ବଡ଼ ଗ୍ରୀନ ରୁମ୍ କହିଲେ ଭୁଲ୍ ହେବ ନାହିଁ। ପ୍ରତିଦିନ ଦ୍ୱି' ପ୍ରହରରୁ ସନ୍ଧ୍ୟା ଯାଏଁ ମାରୱାଡ଼ି ଧର୍ମଶାଳାର ବିଭିନ୍ନ କୋଠରୀରେ କଳାକାରଙ୍କ ବେଶଭୂଷା ଆରମ୍ଭ ହୋଇ ଯାଇଥାଏ। ମାରୱାଡି ଧର୍ମଶାଳାର କୋଠରୀଗୁଡ଼ିକରେ ଜରିପୋଷାକ, ମୁକୁଟ, ପଗଡ଼ି, ଜୋତା, ବିଭିନ୍ନ ଅଳଙ୍କାର, ଅସ୍ତ୍ରଶସ୍ତ୍ର ଓ ଅନ୍ୟାନ୍ୟ ନାଟକୀୟ ଉପାଦାନ ରଖାଯାଇଥାଏ। ସ୍ଥାନୀୟ କାରିଗରମାନେ ଏସବୁକୁ ତିଆରି କରିଥାନ୍ତି। ଏହି ସାମଗ୍ରୀ ଭିତରୁ ଅନେକ ଉପାଦାନ ବାହାରୁ ମଗାଯାଇଥାଏ ବୋଲି କହନ୍ତି ରୂପକାର। 'କଂସ' ଚରିତ୍ରର କଳାକାରଙ୍କ ବେଶ ପରିପାଟୀକୁ ନେଇ ସେମାନଙ୍କୁ ବିଶେଷ ଧ୍ୟାନ ଦେବାକୁ ହୋଇଥାଏ। ମାରୱାଡି ଧର୍ମଶାଳା କେବଳ 'ଗ୍ରୀନ୍ ରୁମ୍' ନୁହେଁ, କଳାକାରମାନେ ଏଠାରେ ରହିଥାନ୍ତି। କଳାକାରମାନଙ୍କର ଭିତରେ ଥିବା ଆଗ୍ରହ ଓ ରୂପକାରମାନଙ୍କର ବ୍ୟସ୍ତତାକୁ ନେଇ ୧୧ ଦିନ ଧରି ଏହି 'ଗ୍ରୀନ୍ ରୁମ୍' କୋଳାହଳମୟ ହୋଇଉଠେ। ରାତିରେ ନିଜ ନିଜ ଚରିତ୍ରର ଅଭିନୟ ସାରି କଳାକାରମାନେ ଗ୍ରୀନ୍ ରୁମ୍‌କୁ ଫେରି ଆସନ୍ତିଛ ପୁଣି ତା' ପରଦିନ ପ୍ରସ୍ତୁତ ହୋଇଯାଆନ୍ତି ରଙ୍ଗ ମାଖିବାକୁ।

## ଅମ୍ଭାପାଲିରେ ରହିଛି ଆଉ ଏକ ଗ୍ରୀନ୍ ରୁମ୍

ଧନୁଯାତ୍ରାର 'ମଥୁରା ପ୍ରସଙ୍ଗ' ସହିତ ଯୋଡ଼ି ହୋଇରହିଛି 'ଗୋପପୁର ପ୍ରସଙ୍ଗ'। 'ମଥୁରା ପ୍ରସଙ୍ଗ' ପାଇଁ ବରଗଡ଼ର ମାରୱାଡ଼ି ଧର୍ମଶାଳା 'ଗ୍ରୀନରୁମ୍' ପାଲଟି ଯାଉଥିବା ବେଳେ 'ଗୋପପୁର ପ୍ରସଙ୍ଗ' ପାଇଁ ଅମ୍ଭାପାଲି ଗାଁରେ ରହିଛି ଆଉ ଏକ 'ଗ୍ରୀନ ରୁମ୍'। ରୂପକାରମାନେ ଶହଶହ କଳାକାରଙ୍କୁ ଭିନ୍ନ ଭିନ୍ନ ଚରିତ୍ରରେ ସଜାଇବା ପାଇଁ ଦିନରାତିକୁ ଏକ କରିଦେଇଥାନ୍ତି।

## ଧନୁଯାତ୍ରାର ପ୍ରଚ୍ଛଦପଟ ନାୟକ ଦେବାନନ୍ଦ ସାହୁ

ବରଗଡ଼ ଧନୁଯାତ୍ରାରେ ମହାରାଜ କଂସ ଓ କୃଷ-ବଳରାମଙ୍କ ଅଭିନୟ ଯେମିତି ଜୀବନ୍ତ, ମଞ୍ଚ ଉପରେ ସେମାନଙ୍କ ପୋଷାକ ପରିପାଟୀ ବି ସେତିକି ଆକର୍ଷଣୀୟ। କୃଷ୍ଣଲୀଳାର ପ୍ରତିଟି ଦୃଶ୍ୟରେ ଅଭିନୟ କରୁଥିବା ପୌରାଣିକ ଚରିତ୍ରମାନଙ୍କ ପାଇଁ ଆକର୍ଷଣୀୟ ପୋଷାକ ତିଆରି କରି ଧନୁଯାତ୍ରାକୁ ଅଧିକ ଋଦ୍ଧିମନ୍ତ କରୁଥିବା ଜଣେ ମଣିଷ ଏବେ ଭାରି ଚର୍ଚ୍ଚାରେ। ବରଗଡ଼ ଧନୁଯାତ୍ରାକୁ ସରସ ସୁନ୍ଦର କରିବା ପଛରେ ପରୋକ୍ଷରେ ପ୍ରଛନ୍ନ ହାତ ଥିବା ମଣିଷ ଜଣକ ହେଲେ ରୂପକାର ଦେବାନନ୍ଦ ସାହୁ, ଯାହାଙ୍କ ଯାଦୁକାରୀ ସ୍ୱର୍ଶରେ ଜୀବନ୍ତ ହୁଏ କଂସାସୁରର ବେଶଭୂଷା। ଅବିକଳ ଦିଶନ୍ତି କୃଷ୍ଣ-ବଳରାମ। ବିଶ୍ୱର ସର୍ବ ବୃହତ୍ତ ରଙ୍ଗମଞ୍ଚରେ ଅଭିନୟ ପାଇଁ ଓହ୍ଲାଉଥିବା ଧନୁଯାତ୍ରାର ସମସ୍ତ କଳାକାରମାନେ ପରିଧାନ କରୁଥିବା ପୌରାଣିକ ଚରିତ୍ରଙ୍କ ଠାରୁ ଆରମ୍ଭ କରି ମହାରାଜ କଂସ ଓ ରାମ-କୃଷ୍ଣ ବେନି ଭାଇଙ୍କ ବେଶ ପୋଷାକ ସମସ୍ତଙ୍କ ଝିଲମିଲ୍ ପୋଷାକକୁ ନିଜ ହାତରେ ସିଲେଇ କରନ୍ତି ଦେବାନନ୍ଦ। ପ୍ରତିବର୍ଷ ଯାତ୍ରା ଆରମ୍ଭର ମାସେ ପୂର୍ବରୁ ଚଳଚଞ୍ଚଳ ହୋଇଯାଆନ୍ତି ଦେବାନନ୍ଦ। ସିଲକ୍ କପଡ଼ାରେ ଚୁମୁକି,ମୋତି ଓ ରଙ୍ଗ ବେରଙ୍ଗର ମାଳି ଖଞ୍ଜି ସିଲେଇ କରନ୍ତି କଳାକାରଙ୍କ ପାର୍ଟ ଅନୁସାରେ ପୋଷାକ। ତାଙ୍କୁ ଏ କାମରେ ନିରବଚ୍ଛିନ୍ନ ଭାବେ ସହଯୋଗର ହାତ ବଢ଼ାଇ ଆସୁଛନ୍ତି ତାଙ୍କର ପୁରା ପରିବାର। ୧୯୪୭ ମସିହାରେ ବରଗଡ଼ ଧନୁଯାତ୍ରାରେ ପ୍ରଥମେ ବଡ଼ବାପା ଲଳିତ ମୋହନ ସାହୁ ପରେ ବାପା ଘାସିରାମ ସାହୁ ଏ ସୁଯୋଗ ପାଇଥିଲେ। ଦୀର୍ଘ ୭୫ ବର୍ଷ ଧରି ଦେବାନନ୍ଦଙ୍କ ପରିବାରକୁ ମିଳିଥିବା ପୋଷାକ ପ୍ରସ୍ତୁତି ଦାୟିତ୍ୱକୁ ନେଇ ବି ବେଶ୍ ଗର୍ବିତ ତାଙ୍କ ପୁରା ପରିବାର।









## ଘାସିରାମ ସାହୁ ଥିଲେ ପ୍ରଥମ ରୂପକାର

ଘାସିରାମ ସାହୁ ଦୀର୍ଘ ବର୍ଷ ଧରି ବରଗଡ଼ ଧନୁଯାତ୍ରାର ମୁଖ୍ୟ ରୂପକାର ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ। ୨୦୧୫ରେ ତାଙ୍କର ଦେହାନ୍ତ ହୋଇଯିବା ପରେ ତାଙ୍କ ପୁଅ ବାଙ୍କବିହାରୀ ସାହୁ କଳାକାରମାନଙ୍କୁ ବିଭିନ୍ନ ବେଶରେ ସଜାଇ ଦେଉଛନ୍ତି। ଉଭୟ ବେଶ ଓ ପରିପାଟୀ ପାଇଁ ସାହୁ ପରିବାରର ସମର୍ପିତ ଭାବ ବେଶ୍ ପ୍ରଶଂସନୀୟ।

## ଅପରାହ୍ନରୁ ଜମେ ଭିଡ଼

ଅପରାହ୍ନରୁ ଗ୍ରୀନ୍ ରୁମ୍‌ରେ ଭିଡ଼ ଆରମ୍ଭ କରନ୍ତି କଳାକାରମାନେ। କେଉଁ ଚରିତ୍ର ପାଇଁ କେଉଁ କେଉଁ ପୋଷାକ ଦରକାର, କେଉଁ ଦିନ କି କି ପୋଷାକ ଜଣେ କଳାକାର ପିନ୍ଧିବେ, କେଉଁ କଳାକାରକୁ କିପରି ଭାବେ ଚରିତ୍ର ଅନୁସାରେ ବେଶ କରିବାକୁ ତା'ର ରୂପରେଖ ପ୍ରସ୍ତୁତ କରିଥାନ୍ତି ମୁଖ୍ୟ ରୂପକାର। ଏଥିରେ ତାଙ୍କୁ ସାହାଯ୍ୟ କରିଥାନ୍ତି ତାଙ୍କର ସହଯୋଗୀମାନେ।

## ଅମ୍ଭାପାଲି ଗାଁରେ ଆଉ ପାଳିତ ହୁଏ 'ଧନୁଯାତ୍ରା'



ଧନୁଯାତ୍ରା କେବଳ ବରଗଡ଼ ସହର ଅମ୍ଭାପାଲି ଗାଁରେ ସୀମିତ ହୋଇ ରହିନାହିଁ। ବରଗଡ଼ ଜିଲ୍ଲାରେ ଏହା ଲୋକ ଉତ୍ସବରେ ପରିଣତ ହୋଇଛି। ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ଅନ୍ୟ ସ୍ଥାନର ଧନୁଯାତ୍ରା ପାଇଁ ଆଇକନ୍ ପାଲଟିଛି। ବରଗଡ଼ର ପଦାଙ୍କ ଅନୁସରଣ କରି କିଛି ବର୍ଷ ହେଲା ଜିଲ୍ଲାର ବିଭିନ୍ନ ସ୍ଥାନରେ ଧନୁଯାତ୍ରାର ଆୟୋଜନ କରାଯାଉଛି। ହେଲେ ବରଗଡ଼ ଧନୁଯାତ୍ରା ବାଧାପ୍ରାପ୍ତ ହୋଇନାହିଁ, ବରଂ ଦିନକୁ ଦିନ ତାହା ଆହୁରି ଲୋକପ୍ରିୟତା ହାସଲ କରୁଛି। ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳରେ ଅନୁଷ୍ଠିତ ହେଉଥିବା ଧନୁଯାତ୍ରା ଉତ୍ସବ, ପୃଥିବୀ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାର ପ୍ରତିଦ୍ୱନ୍ଦୀ ନୁହନ୍ତି। ଅନ୍ୟ ଭାଷାରେ ଏମାନେ ପ୍ରଭାବିତ ହୋଇ ଓଡ଼ିଶାର ଏକ ମହାନ୍ ନାଟ୍ୟକଳାକୁ ସଂପ୍ରସାରିତ କରିବାରେ ବିଶେଷ ଭୂମିକା ଗ୍ରହଣ କରିଛନ୍ତି।

ବରଗଡ଼ ଜିଲ୍ଲାର ତାଲପାଲି, ଦହିତା, ମଲଦା, ଝାରବନ୍ଧ, ଥୁଆପାଲି, ଭେଡେନ୍, ଭଟଲି, ସୁବର୍ଣ୍ଣପୁର ଜିଲ୍ଲାର ଉଲୁଣ୍ଡା, ବଲାଙ୍ଗୀର ଜିଲ୍ଲାର ଭାଲେର୍, ନଅଗାଁର ବଙ୍ଗୋମୁଣ୍ଡାଠାରେ, ଖୋର୍ଦ୍ଧା ଜିଲ୍ଲାର ଜଟଣୀଠାରେ ଧନୁଯାତ୍ରା ଉତ୍ସବର ଆୟୋଜନ କରାଯାଉଛି। ଆୟୋଜକମାନେ ସବୁ ଦୃଷ୍ଟିକୋଣରୁ ଧନୁଯାତ୍ରାକୁ ସଫଳ କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ବରଗଡ଼ ଧନୁଯାତ୍ରା ଉତ୍ସବର ପାଳନବିଧି ଏହି ସବୁ ଧନୁଯାତ୍ରାରେ ଦେଖିବାକୁ ମିଳେନାହିଁ। ନାଟକର କଥାବସ୍ତୁ ସମାନ, କିନ୍ତୁ ପରିବେଷଣ ଶୈଳୀ ବରଗଡ଼ ଧନୁଯାତ୍ରାଠାରୁ ଟିକିଏ ଭିନ୍ନ ହୋଇଥାଏ। ଭିନ୍ନ ଭିନ୍ନ ମଞ୍ଚରେ ନାଟକୀୟତା ପ୍ରଦର୍ଶିତ ହୋଇଥାଏ। ହେଲେ ବରଗଡ଼ ଧନୁଯାତ୍ରା ସହିତ ଅନ୍ୟାନ୍ୟ ଅଞ୍ଚଳର ଧନୁଯାତ୍ରାର ଆୟୋଜନରେ ତଥା ରୂପରେଖରେ ଯେତିକି ସମାନତା ଦେଖାଯାଇଥାଏ, ସେତିକି ଭିନ୍ନତା ମଧ ପରିଲକ୍ଷିତ ହୋଇଥାଏ। ବରଗଡ଼ ଧନୁଯାତ୍ରାର ପ୍ରଭାବ କେବଳ ନାଟକୀୟ ସ୍ତରରେ ପଡ଼ିନାହିଁ। ବରଗଡ଼ ଧନୁଯାତ୍ରାର ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକ ମଧ, ଓଡ଼ିଶାର ବିଭିନ୍ନ ଧନୁଯାତ୍ରାରେ ଆୟୋଜିତ ହୋଇଥାଏ। ଏଇ ମଞ୍ଚଗୁଡ଼ିକ ମଧ କଳାକାରମାନଙ୍କୁ ସୁଯୋଗ ଦେଇ ଆସୁଛିଛ ମୋଟାମୋଟି କହିବାକୁ ଗଲେ ଭିନ୍ନ ଭିନ୍ନ କ୍ଷେତ୍ରରେ କଳାକାରମାନେ ସାରା ଓଡ଼ିଶାର ଧନୁଯାତ୍ରାରେ ଜୀବିକା ପାଇଁ ପରିବେଶଟିଏ ସୃଷ୍ଟି କରିପାରିଛନ୍ତି।

Printed by Kishor Chandra Padhi and Published by Siba Prasad Sasamala, Printed at Anupam printers,Shed No. D-2/14, Industrial Estate, Mancheswar, Bhubaneswar, Published from Gurudwara Chowk, Bargarh-768028 (Odisha), Ph.0674-2911731, Email-aadharodisha8@gmail.com

Editor: Dr. Jyotirmaya Patnaik
ସମ୍ପାଦକ– ଡ. ଜ୍ୟୋତିର୍ମୟ ପଟ୍ଟନାୟକ